## ସଂକ୍ଷେପରେ

### ଅପହୃତା ନାବାଳିକା ଉଦ୍ଧାର, ସୁଧାର ଗୃହକୁ ଗଲେ

ପାଣିକୋଇଲି,୨୭।୬(ବିକାଶ ମଲ୍ଲିକ): ପାଣିକୋଇଲି ପୋଲିସ ମଙ୍ଗଳବାର ଜଣେ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରି କୋର୍ଟରେ ହାଜର କରାଇ ବୟାନ ରେକର୍ଡ କରିବା ପରେ ସୁଧାର ଗୃହରେ ଛାଡ଼ିଛି। ଏଥିସହିତ ନାବାଳିକାଙ୍କୁ ଅପହରଣ କରିଥିବା ଯୁବକଙ୍କୁ କାବୁ କରିଛି। ନାବାଳିକା ତାଙ୍କ ବୟାନରେ ଅପହରଣକୁ ଅସ୍ୱୀକାର କରିବା ସହ ଘରକୁ ଯିବାକୁ ମନା କରିଛନ୍ତି।
ଶର୍ଙ୍ଗିଲା ଫାଣ୍ଡି ଅଞ୍ଚଳର ସମ୍ପୃକ୍ତ ନାବାଳିକା ୨୦୨୩ ଜାନୁୟାରୀ ୨୬ରେ ସ୍କୁଲ୍‌କୁ ଯାଇ ଆଉ ଫେରି ନ ଥିଲେ। ଏନେଇ ତାଙ୍କ ମା’ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। କାଦଡ଼ିହ କାଳିଆପାଳ ଗ୍ରାମର ଚୁନା ଯେନା ନାବାଳିକାଙ୍କୁ ଅପହରଣ କରିଥିବା ଶର୍ଙ୍ଗିଲାର ଦୁଇଟି ଦୋକାନରେ ଲାଗିଥିବା ସିସିଟିଭିରୁ ଜଣାପଡ଼ିଥିଲା। ଚୁନାଙ୍କ ଭଉଣୀ ଘର ନାବାଳିକାଙ୍କ ଘର ନିକଟରେ ହୋଇଥିବାବେଳେ ଚୁନା ସବୁବେଳ ଯାତାୟାତ କରନ୍ତି। ଫଳରେ ସିସିଟିଭି ଫୁଟେଜରୁ ତାଙ୍କୁ ଚିହ୍ନଟ କରାଯାଇଥିଲା। ପୋଲିସ ତଦନ୍ତ ଜାରି ରଖିଥିବାବେଳେ ଉଭୟଙ୍କୁ କାବୁ କରିଥିଲା। କୋର୍ଟଙ୍କ ନିଷ୍ପତ୍ତି ଅନୁଯାୟୀ ଚୁନାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

### ଏସ୍‌ୟୁଜେ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ୧୧ ଦଫା ଦାବିପତ୍ର

ଯାଜପୁର ଟାଉନ,୨୭।୬ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ରାଜ୍ୟ ସାମ୍ବାଦିକ ସଂଘ (ଏସ୍‌ୟୁଜେ) ପକ୍ଷରୁ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଖବରଦାତାଙ୍କ ସମସ୍ୟାର ସମାଧାନ ପାଇଁ ୧୧ ଦଫା ସମ୍ବଳିତ ଦାବିପତ୍ର ଯାଜପୁର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଯାଇଛି। ଦାବିପତ୍ରରେ ମୁଖ୍ୟତଃ ପଡ଼ୋଶୀ ଛତିଶଗଡ଼ ଓ ମହାରାଷ୍ଟ୍ର ଭଳି ଓଡ଼ିଶାର ଖବରଦାତାଙ୍କ ପାଇଁ ସୁରକ୍ଷା ଆଇନ ପ୍ରଣୟନ, ୧୫ ବର୍ଷ ଧରି କାର୍ଯ୍ୟ କରିଥିବା ସାମ୍ବାଦିକଙ୍କୁ ଆଜୀବନ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ ପୂର୍ବକ ସମସ୍ତ ସୁବିଧା ସୁଯୋଗ ପ୍ରଦାନ, କାର୍ଯ୍ୟରତ ଏବଂ ଅବସର ପରେ ଅତି କମ୍‌ରେ ଯଥାକ୍ରମେ ୧୫ ହଜାର ଟଙ୍କାର ଭତ୍ତା ଏବଂ ୨୦ ହଜାର ଟଙ୍କା ଲେଖାଏ ମାସିକ ପେନସନ୍, ରାଜ୍ୟର କୋଣ ଅନୁକୋଣରୁ ଭୁବନେଶ୍ୱର ଆସୁଥିବା ଖବରଦାତାମାନେ ସପରିବାର ସାମୟିକ ରହଣୀ ନିମନ୍ତେ ରାଜଧାନୀରେ ଏକ ବହୁତଳ ବିଶିଷ୍ଟ ‘ଖବରଦାତା ଅତିଥି ଭବନ’ ନିର୍ମାଣ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ କୌଣସି ଢାଞ୍ଚା ପରିବର୍ତ୍ତନ ନ କରି ପୂର୍ବ ଭଳି ଯୋଜନାରେ ସବୁ ଖବରଦାତାଙ୍କୁ ସାମିଲ, ବୀମା ରାଶି ୧୦ଲକ୍ଷ ଟଙ୍କାକୁ ବୃଦ୍ଧି ସହିତ ଯାବତୀୟ ଚିକିତ୍ସା ଖର୍ଚ୍ଚ ସେଥିରୁ ଭରଣା, ରାଜ୍ୟରେ ପ୍ରେସ୍ ଏକାଡେମୀ ଗଠନ, ଜିଲା, ଉପଖଣ୍ଡ ବ୍ଲକ୍ ଓ ପୌରାଞ୍ଚଳରେ ସମସ୍ତ ସୁବିଧା ସୁଯୋଗ ଥାଇ ପ୍ରେସ୍ ରୁମ୍ ପ୍ରତିଷ୍ଠା ଓ ଗଣମାଧମ ସଂସ୍ଥା ପରିବର୍ତ୍ତେ ସରକାର କାର୍ଯ୍ୟରତ ଖବରଦାତାଙ୍କୁ ଅଧିସ୍ୱୀକୃତି ପ୍ରଦାନ ଆଦି ଉଲ୍ଲେଖ କରାଯାଇଛି। ଦାବିପତ୍ରକୁ ଜିଲାପାଳଙ୍କ ପକ୍ଷରୁ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ ଗ୍ରହଣ କରିଛନ୍ତି। ଏସ୍‌ୟୁଜେ ଜିଲା ସଂଗଠନର ମୁଖ୍ୟ ଉପଦେଷ୍ଟା ତଥା ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ, ଜିଲା ସଭାପତି ସୁବାସ ଧଳ, ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଶେଖ୍ ମନିରୁଦ୍ଦିନ୍, ସନ୍ଦୀପ୍ତ ରାୟ, ଜିଲା ସଂଗଠନର ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀ, ଅଶୋକ ଦାସ ଓ ଦୀପକ ମାଝି ପ୍ରମୁଖ ଦାବିପତ୍ର ପ୍ରଦାନ ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ।

# ଟ୍ରାଫିକ୍ ସମସ୍ୟା ସୁଧୁରି ପାରୁନି

■ ସୂତା ଖିଅରେ ପଥଚାରୀଙ୍କ ଜୀବନ
■ ସ୍କୁଲ ବସ୍ ଓ ଖଣି କର୍ମଚାରୀ ୨ ଘଣ୍ଟା ଟ୍ରକ୍ ଜାମରେ ଫସିଲେ


ରାସ୍ତାରେ ଟ୍ରକ୍ ଜାମ୍ ରହିଛି।

କାଳିଆପାଣି,୨୭।୬(ଅସିତ ମହାନ୍ତ):

ଯାଜପୁର ଜିଲା କାଳିଆପାଣି ଖଣି ଅଞ୍ଚଳରେ ଟ୍ରାଫିକ୍ ସମସ୍ୟା ସୁଧୁରିବାର ନାଁ ଧରୁନାହିଁ। ଏହା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଏଠାରେ ମଙ୍ଗଳବାର ଟ୍ରକ୍ ଜାମରେ ୨ ଘଣ୍ଟା ଧରି ସ୍କୁଲ୍ ଛାତ୍ରୀଛାତ୍ରଙ୍କ ବସ୍ ଓ ଖଣି କର୍ମଚାରୀଙ୍କ ଗାଡ଼ି ଫସି ରହିଥିବା ଦେଖିବାକୁ ମିଳିଛି। ପଥଚାରୀଙ୍କ ଜୀବନ ମଧ୍ୟ ସୂତାଖିଅରେ ଝୁଲୁଛି। ସେମାନେ ଥରେ ରାସ୍ତାକୁ ଓହ୍ଲାଇଲେ ଘରକୁ ଫେରିବା କଷ୍ଟକର ହୋଇପଡୁଛି।
ଖଣି ଅଞ୍ଚଳରେ କିଛିଦିନ ହେବ କ୍ରୋମାଇଟ୍ ଲୋଡିଂ କରିବାକୁ ଆସୁଥିବା ଛୋଟ, ବଡ଼ ଟ୍ରକ୍ ପାର୍କିଂରେ ପସିବା ପାଇଁ ପ୍ରତିଯୋଗିତା କରୁଛନ୍ତି, ଯଦ୍ୱାରା ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ନିୟମରେ ଟ୍ରକ୍‌ଗୁଡ଼ିକ ପାର୍କିଂ ୟାଡ୍‌ରେ ପସିବା ପରେ ଲୋଡିଂ ପାଇଥାଆନ୍ତି। ତେଣୁ କିଛିଦିନ ହେବ ସ୍ଥାନୀୟ ଅଞ୍ଚଳର କେତେଜଣ ଟ୍ରକ୍ ମାଲିକ ଗାଡ଼ିଗୁଡ଼ିକୁ ସିରିୟଲରେ ଛାଡ଼ିବା ବଦଳରେ ଏଣ୍ଟ୍ରି ଗେଟ ମୁହଁରେ ଓ ସାମାନ୍ୟ କିଛି ଦୂରରେ ଧସେଇ ପଶାଉଛନ୍ତି। ସ୍ଥାନୀୟ ପୋଲିସ ମଧ୍ୟ କିଛି ଗାଡ଼ିକୁ ପଛ ପଟରୁ ଆଣି ସିରିୟଲ ମଝିରେ ପୁରାଉଛି। ଫଳରେ ସିରିୟଲରେ ଆସୁଥିବା ଟ୍ରକ ଲାଇନ୍‌ରେ ଜାମ ହେଉଛି। ଏପରିକି କାଳିଆପାଣି ଥାନାର ଜଣେ କର୍ମଚାରୀ ବେଆଇନ ଭାବେ ପାର୍କିଂରେ ଟ୍ରକ୍ ଭର୍ତ୍ତି କରୁଥିବାବେଳେ ତାହାକୁ ଜଣେ ଡ୍ରାଇଭର ମୋବାଇଲରେ ରେକର୍ଡିଂ କରିଥିଲେ। ଫଳରେ ପୋଲିସ କର୍ମଚାରୀ ଜଣକ ସମ୍ପୃକ୍ତ ଡ୍ରାଇଭରଙ୍କ ମୋବାଇଲ ଛଡ଼ାଇନେବା ସହ ତାଙ୍କୁ ମାଡ଼ ମାରିଥିଲେ। ଏନେଇ ଗତ ସୋମବାର ଡ୍ରାଇଭର ମହାସଂଘ ପକ୍ଷରୁ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିବା ସହ ଅସହଯୋଗ ଆନ୍ଦୋଳନ କରାଯାଇଥିଲା।
ମଙ୍ଗଳବାର ସକାଳୁ ଫେକର ଗେଟ୍ ସମ୍ମୁଖ ଦୁର୍ଗାପୂଜା ପଡ଼ିଆରେ ଏକ ଟ୍ରକ୍ ପାର୍କିଂ କରି ସିରିୟଲ କରୁଥିବାବେଳେ ବହୁ ଟ୍ରକ୍ ପାର୍କିଂୟାଡରେ ଭର୍ତ୍ତି ପାଇଁ କଲରଙ୍ଗୀ ଓଏମ୍‌ସି ଛକଠାରୁ ରାସ୍ତା ଉପରେ ଉଭୟ ପାର୍ଶ୍ୱରେ ପାର୍କିଂ କରିଥିଲେ। ଅପର ପାର୍ଶ୍ୱରୁ ଲୋଡିଂ ଟ୍ରକ୍ ମଙ୍ଗଳପୁର ଓ ଟମକା ଦିଗକୁ ଯାଉଥିଲେ। ଏପରିସ୍ଥଳେ ଫେକର ବେଦାନ୍ତ କମ୍ପାନୀ ଗେଟ୍ ସମ୍ମୁଖରେ ଜାମ ହୋଇଥିଲା। ପୂର୍ବାହ୍ନ ୧୧ଟାରୁ ଜାମ ଲାଗିଥିବାବେଳେ ସ୍କୁଲ୍ ମଧ୍ୟାହ୍ନ ୧୨ଟାରେ ଛୁଟି ହୋଇଥିଲା। ଫଳରେ ଛାତ୍ରୀଛାତ୍ର ଆସୁଥିବା ବସ ଟ୍ରକ୍ ସିରିୟଲ ଜାମରେ ଫସି ରହିଥିଲା। ଖଣି କର୍ମଚାରୀମାନେ ମଧ୍ୟ ଏହି ସମୟରେ ଜାମ୍‌ରେ ଫସି ରହିଥିଲେ। ଅପରାହ୍ନ ୨ଟା ପରେ ଜାମ ସ୍ୱାଭାବିକ ହୋଇଥିଲା। କୋମଳମତି ଛାତ୍ରୀଛାତ୍ର ଜାମରେ ଫସି ଭୋକରେ ଆଉଟ ପାଉଟ ହୋଇଥିଲେ। ଏହାକୁ ନେଇ ଅଭିଭାବକ ଓ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପଟେ ଟ୍ରକ୍ ଜାମ୍ ହଟାଇବାକୁ ପୋଲିସର ସ୍ପୃହା ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ କାଳିଆପାଣି ଥାନା ଅଧିକାରୀ ସୁଶାନ୍ତ କୁମାର ଦାସଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ରିସିଭ୍ କରି ନ ଥିଲେ।

# କଂଗ୍ରେସରେ ଯୋଗଦେଲେ ପୂର୍ବତନ ସରପଞ୍ଚ

ଚଣ୍ଡିଖୋଲ,୨୭।୬ (ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ରାଧାଦେଇପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଶାନ୍ତିଲତା ମଳିକ ଓ ତାଙ୍କ ସ୍ୱାମୀ ସୀତାନାଥ ମଳିକ ବିଜୁ ଜନତା ଦଳ ପରିତ୍ୟାଗ କରି କଂଗ୍ରେସରେ ସୋମବାର ଯୋଗ ଦେଇଛନ୍ତି। ଚଣ୍ଡିଖୋଲସ୍ଥିତ ରାଜୀବ ମେମୋରିଆଲ କେନ୍ଦ୍ର ପରିସରରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ବଡ଼ଚଣା କଂଗ୍ରେସ ନେତା ତଥା ପିସିସି ସମ୍ପାଦକ ରାଜନାରାୟଣ ମହାପାତ୍ରଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟକରି ଉଭୟ କଂଗ୍ରେସରେ ସାମିଲ ହୋଇଥିବା କହିଛନ୍ତି। ଏହି ମିଶ୍ରଣ ପର୍ବରେ କ୍ୟାପେଟନ୍ ମହାପାତ୍ର ଯୋଗଦେଇ କହିଛନ୍ତି, ସାଧାରଣ ଲୋକେ କଂଗ୍ରେସ ପ୍ରତି ଆକୃଷ୍ଟ ହେଉଛନ୍ତି। ତେଣୁ ଖୁବ୍‌ଶୀଘ୍ର ବଡ଼ଚଣାରେ କଂଗ୍ରେସର ଶକ୍ତି ବୃଦ୍ଧି ପାଇବ ବୋଲି ସେ ମତ ରଖିଛନ୍ତି। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ପଟ୍ଟନାୟକ, ବ୍ଲକ୍ କଂଗ୍ରେସ ଉପସଭାପତି ପ୍ରଦୀପ୍ତ କୁମାର ମହାନ୍ତି, ପ୍ରାକ୍ତନ ଛାତ୍ର କଂଗ୍ରେସ ସଭାପତି ନିରଞ୍ଜନ ବିଶ୍ୱାଳ, ଜିଲା ଛାତ୍ର କଂଗ୍ରେସ ସଭାପତି ସନ୍ଦୀପ ସାମଲ, ଜିଲା ସାଧାରଣ ସମ୍ପାଦକ ଅଶୋକ ସାମଲ, ବିଚିତ୍ରାନନ୍ଦ ନାୟକ, ସନ୍ତୋଷ ଜେନା ଓ ଜୟପ୍ରକାଶ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।


କଂଗ୍ରେସରେ ସାମିଲ ହୋଇଥିବା କର୍ମୀଙ୍କୁ ସ୍ୱାଗତ କରାଯାଉଛି।

# ଓଏମ୍‌ସି ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

କାଳିଆପାଣି,୨୭।୬(ଅସିତ ମହାନ୍ତ):

ଓଡ଼ିଶା ଖଣି ନିଗମ(ଓଏମ୍‌ସି) ପକ୍ଷରୁ କଅଁସ ପଞ୍ଚାୟତର ସରୁଆବିଲଠାରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଖଣି ନିଗମର ସିଏସ୍‌ଆର୍ ଅଧିକାରୀ ମଧୁସ୍ମିତା ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ପ୍ରଶାସନିକ ପ୍ରବନ୍ଧକ ସୁମିତ ପାଢ଼ୀ, ଶ୍ରମିକ ସଂଘ ସାଧାରଣ ସଂପାଦକ ନାରାୟଣ ଚନ୍ଦ୍ର ଧିର ଓ ଜିଲା ପରିଷଦ ସଭ୍ୟ ଜେମା ଚାଖି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ସରୁଆବିଲ ଗ୍ରାମର ଜନସାଧାରଣ ଯୋଗଦେଇ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ଔଷଧ ନେଇଥିଲେ। ସରୁଆବିଲ ସ୍କୁଲ୍ ଛାତ୍ରୀଛାତ୍ରଙ୍କ ମଧ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ଶିବିରରେ ମୋଟ୍ ୩୪୫ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଖଣି ନିଗମର ଡା. ବିଶ୍ୱଜିତ ବେହେରାଙ୍କ ନେତୃତ୍ୱରେ ଶିବିର ଅନୁଷ୍ଠିତ ହୋଇଥିଲା। ଡା. ଜ୍ୟୋତିସ୍ମାନ ଦାସ ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମୀ ସହଯୋଗ କରିଥିଲେ। ସିଏସ୍‌ଆର ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶିଶୁ ଶ୍ରମିକ ନିରାକରଣ ସଚେତନତା ଶୋଭାଯାତ୍ରା



ଶିଶୁ ଶ୍ରମିକ ନିରାକରଣ ସଚେତନତା ଶୋଭାଯାତ୍ରା ଅଞ୍ଚଳ ପରିକ୍ରମା କରୁଛି।

ଯାଜପୁରରୋଡ୍,୨୭।୭ (ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁର ଜିଲା ପ୍ରଶାସନ ଓ ଜିଲା ଶ୍ରମ ବିଭାଗ କାର୍ଯ୍ୟାଳୟ ମିଳିତ ସହଯୋଗରେ ଏକ ଶିଶୁ ଶ୍ରମିକ ନିରାକରଣ ସଚେତନତା ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ବ୍ୟାସଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟଠାରୁ ଆରମ୍ଭ ହୋଇ ଚୋରଦା ଛକସ୍ଥିତ ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତିଠାରେ ଶେଷ ହୋଇଥିଲା। ଶୋଭାଯାତ୍ରାରେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଏନସିସି ଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଉପେନ୍ଦ୍ର ସ୍ୱାଇଁ, ଅଧ୍ୟାପକ ସନାତନ ଦାସ ଓ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାଇଁ ପ୍ରମୁଖ ଯୋଗଦେଇଥିଲେ। ଏହାସହିତ ଏକ ପଥପ୍ରାନ୍ତ ସଭା ଜିଲା ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସହକାରୀ ଶ୍ରମ ଅଧିକାରୀ ସଞ୍ଜିତ କୁମାର ଦେଓ, ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଆଇଏନ୍‌ଟିୟୁସିର ରାଜ୍ୟ ଉପସଭାପତି ବିଦ୍ୟାଧର ମହାନ୍ତି, ସିଆଇଟିୟୁର ରାଜ୍ୟ ଉପସଭାପତି ପ୍ରଫୁଲ୍ଲ ନାୟକ, ପରମାନନ୍ଦ ସେଠୀ, ପ୍ରଦୀପ ନାୟକ, ପ୍ରଦୀପ ମିଶ୍ର, ପାକିଜା ବେଗମ, ରୁନୁ ଲାଲା, ଭାଗିରଥି ଦାସ, ରବୀନ୍ଦ୍ର ମଣ୍ଡଳ, ଶରତ ରାଉତ, ଅବିନାସ ଦାସ, ରାଜେଶ ସାହୁ, ରଜନୀ ଦାସ, ରମେଶ ଜେନା, ପ୍ରସନ୍ନ ମିଶ୍ର, କାର୍ତ୍ତିକେଶ୍ୱର ପଲେଇ, ଅନନ୍ତ ମିଶ୍ର, କୃଷ୍ଣ ଦାସ, ମହେନ୍ଦ୍ର ଦାସ, ବିଶ୍ୱଜିତ ନାଥ, ପ୍ରମୋଦ ସାମଲ, ଉମାକାନ୍ତ ମଲ୍ଲିକ, ନୀଳମଣି ମଲ୍ଲିକ, ପ୍ରଭାକର, ବିଦ୍ୟାଧର ଜେନା ଓ ଲୋକନାଥ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହେଶ ସୁନାନି, ଦେବଶ୍ରୀ ପଣ୍ଡା, ଶଶିକାନ୍ତ ପ୍ରଧାନ, ରତ୍ନାକର ପରିଡ଼ା, ନାରାୟଣ ନନ୍ଦ, ଶ୍ରାବଣୀ ମୁର୍ମୁ, ସନ୍ତୋଷ କୁମାର ନାୟକ, ପ୍ରସନ୍ନ ନାୟକ, ପ୍ରକାଶ ଜେନା ଓ ଗୋଲଖ ମୁଖୀ ପ୍ରମୁଖ ଯୋଗଦେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ମାଉସୀ ମା’ ମନ୍ଦିରରେ ଭଜନ ସନ୍ଧ୍ୟା

ଧର୍ମଶାଳା,୨୭।୬(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ହାଟପଡ଼ିଆସ୍ଥିତ ମାଉସୀ ମା’ ମନ୍ଦିର ପ୍ରାଙ୍ଗଣରେ କଟକର କଳାକାରମାନଙ୍କ ଦ୍ୱାରା ଏକ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଲୁଖାଇ ଜଗନ୍ନାଥ ମନ୍ଦିର ଓ ଧର୍ମଶାଳା ମୁନସୀ ମେଲଣ କମିଟି ପକ୍ଷରୁ ଗୁଣ୍ଡିଚାରେ ତିନିଠାକୁରଙ୍କୁ ରଥାରୂଢ଼ କରାଯାଇ ଧର୍ମଶାଳା ହାଟପଡିଆସ୍ଥିତ ମାଉସୀ ମା’ ମନ୍ଦିରକୁ ଅଣାଯାଇଥିଲା। ସେହି ଦିନଠାରୁ ପ୍ରତ୍ୟେକ ସନ୍ଧ୍ୟାରେ ମାଉସୀ ମା’ ମନ୍ଦିର ପ୍ରାଙ୍ଗଣରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। ମଙ୍ଗଳବାର ଶେଷ ସନ୍ଧ୍ୟାରେ କଟକର ସୁଧାକର ମିଶ୍ର ଓ ସାଥୀମାନେ ଯୋଗଦେଇ ଭଜନ ପରିବେଷଣ କରିଥିଲେ। ଉଭୟ କମିଟିର ସଭାପତି ତଥା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମକୁ ମୁନସୀ ମେଲଣ କମିଟି ସମ୍ପାଦକ ଜଳଧର ମହାନ୍ତି, ସହସମ୍ପାଦକ ପ୍ରମୋଦ କୁମାର ଦାସ, ଜଗନ୍ନାଥ କମିଟି ସମ୍ପାଦକ ପ୍ରସନ୍ନ ବରାଳ, ସଭ୍ୟ ସବ୍ୟସାଚୀ ବେହେରା, କଳ୍ପତରୁ ସାହୁ, ଇନ୍ଦ୍ରମଣି ମହାନ୍ତି ଓ ଜିତେନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ। ବୁଧବାର ଅପରାହ୍ନ ୨ଟାରେ ପ୍ରଭୁଙ୍କ ବାହୁଡ଼ାଯାତ୍ରା ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ବ୍ଲକ କର୍ମଚାରୀ ସଂଘର କଲମ ଛାଡ଼ ଆନ୍ଦୋଳନ


ବ୍ଲକ କର୍ମଚାରୀମାନେ ଧାରଣାରେ ବସିଛନ୍ତି।

### ଗ୍ରାମ ନନ୍ଦିପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଆକ୍ରମଣର ପ୍ରତିବାଦ

ପ୍ରୀତିପୁର,୨୭।୬(ସୁଶାନ୍ତ ବେହୁରିଆ):

ଦଶରଥପୁର ବ୍ଲକ ଗ୍ରାମ ନନ୍ଦିପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ମିଶ୍ରଙ୍କୁ ନନ୍ଦିପୁର ଛକ ନିକଟସ୍ଥ କରତରା ଛକ ନିକଟରେ ଗତ ସୋମବାର କେତେଜଣ ଅସାମାଜିକ ବ୍ୟକ୍ତି ଆକ୍ରମଣ କରିବା ସହିତ ତାଙ୍କ ବ୍ୟାଗରୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ଭତ୍ତା ଟଙ୍କା ଲୁଟି ନେଇଛନ୍ତି। ଏ ସମ୍ପର୍କରେ ମିଶ୍ର ଦଶରଥପୁର ବିଡିଓ ଦାୟିତ୍ୱରେ ଥିବା ସୌରଭ ଚକ୍ରବର୍ତ୍ତୀଙ୍କ ପରାମର୍ଶକ୍ରମେ ଦଶରଥପୁର ଥାନାରେ ଏତଲା ଦେବାପରେ ପୋଲିସ ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ମାତ୍ର ଏହି ଘଟଣାରେ ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ କାର୍ଯ୍ୟରତ ବ୍ଲକ କର୍ମଚାରୀଙ୍କୁ ସୁରକ୍ଷା ନିଶ୍ଚିତ କରିବା ଦାବିରେ ବ୍ଲକର ସମସ୍ତ କର୍ମଚାରୀ ମଙ୍ଗଳବାରଠାରୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ କଲମ ଛାଡ଼ ଆନ୍ଦୋଳନ କରିଛନ୍ତି। ଫଳରେ ବ୍ଲକରେ ସମସ୍ତ କାର୍ଯ୍ୟ ବନ୍ଦ ରହିଛି। ଅପରପକ୍ଷରେ ଯାଜପୁର ଏସଡିପିଓ ସରୋଜ କୁମାର ଉପାଧ୍ୟାୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଗ୍ରାମ ପଞ୍ଚାୟତ ସଂଘ କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏନେଇ ଥାନାରେ ନଂ.୧୦୫/୨୩ ରେ ମାମଲା ରୁଜୁ ହୋଇଛି।

# ବନ୍ଦଥିବା ବିଦ୍ୟାଳୟରେ ଅଙ୍ଗନୱାଡି କେନ୍ଦ୍ର ଖୋଲିବାକୁ ଦାବି

ପାଣିକୋଇଲି,୨୭।୬(ବିକାଶ ମଲ୍ଲିକ):




କୋରେଇ ବ୍ଲକ ପଥରପଦା ପଞ୍ଚାୟତ ଅନ୍ତର୍ଗତ ଦାମୋଦରପୁର ଗ୍ରାମରେ ବନ୍ଦ ହୋଇପଡ଼ିଥିବା ବିଦ୍ୟାଳୟରେ ଅଙ୍ଗନୱାଡି କେନ୍ଦ୍ର ଖୋଲିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି। ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ନ ଥିବା ବେଳେ ବିଦ୍ୟାଳୟ ଉଠିଗଲା। ଚାନ୍ଦପୁର ଅଙ୍ଗନୱାଡି କେନ୍ଦ୍ର ସହ ଦାମୋଦରପୁର ଗ୍ରାମକୁ ଯୋଡ଼ା ଯାଇଥିବାବେଳେ ତାହା କେବଳ ଦୂରରେ ଅବସ୍ଥିତ ନୁହେଁ ବଂର ଅନ୍ୟ ଏକ ପଞ୍ଚାୟତ ପାଣିକୋଇଲିରେ ଯାଉଛି। ଫଳରେ ଦାମୋଦରପୁର ଗ୍ରାମରେ ଏକ ଅଙ୍ଗନବାଡି କେନ୍ଦ୍ର ଖୋଲିବାର ଆବଶ୍ୟକତା ରହିଛି।
ପଥରପଦା ପଞ୍ଚାୟତ ସୀମାରେ ଅବସ୍ଥିତ ଦାମୋଦରପୁର ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ ଗ୍ରାମର ପିଲାମାନେ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ହେବା ସହିତ କେତେଜଣ ନିକଟସ୍ଥ ଚାନ୍ଦପୁର ଗ୍ରାମକୁ ଯାଇଥାନ୍ତି। ଗ୍ରାମରେ ଥିବା ଏକମାତ୍ର ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ କମ ଦର୍ଶାଇ ଶିକ୍ଷା ବିଭାଗ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହାକୁ ବନ୍ଦ କରିଦେଇଛି। ବ୍ୟବହାର ନ ହେବା ଯୋଗୁ ବିଦ୍ୟାଳୟଟି ଏବେ ସରୀସୃପଙ୍କର ଆଶ୍ରୟସ୍ଥଳୀ ପାଲଟିଛି। ଯେଉଁ ସ୍ଥାନଟି ଦିନେ ଚଳପ୍ରଚଳ ଥିଲା ସେ ସ୍ଥାନରେ ଏବେ ବଡ଼ବଡ଼ ଉଇ ହୁଙ୍କା ହୋଇଗଲାଣି। ଜନତାଙ୍କ ଟିକସରେ ନିର୍ମିତ ଉକ୍ତ ବିଦ୍ୟାଳୟଟିର ଜରାଜୀର୍ଣ୍ଣ ଅବସ୍ଥାକୁ ଦେଖି ଗ୍ରାମବାସୀ ଦୁଃଖ ପ୍ରକାଶ କରିବା ସହିତ ବିଦ୍ୟାଳୟର ସୁରକ୍ଷା ନେଇ ଅଣ୍ଟା ଭିଡ଼ିଛନ୍ତି। ତେଣୁ ଗ୍ରାମବାସୀ ସମ୍ମିଳିତ ହୋଇ ଉକ୍ତ ବିଦ୍ୟାଳୟରେ ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ ନିମନ୍ତେ ମୁଖ୍ୟମନ୍ତ୍ରୀ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଜିଲାପାଳଙ୍କ ମାଧ୍ୟମରେ ଦାବିପତ୍ର ଦେବେ ବୋଲି ପ୍ରକାଶ କରିଛନ୍ତି।

# ବଢୁଛି ଚୋରା ମଦ କାରବାର

କୋରେଇ,୨୭।୬(ଚନ୍ଦ୍ରକାନ୍ତ ପତି):

**କୋରେଇ ବ୍ଲକ୍**
■ ପାନ ଦୋକାନଠାରୁ ହୋଟେଲ ଯାଏ ସବୁଠି ମିଳୁଛି ମଦ
■ ବ୍ୟବସାୟୀ, ଅବକାରୀ ବିଭାଗର ମଧୁଚନ୍ଦ୍ରିକା ଅଭିଯୋଗ

ଯାଜପୁର ଜିଲା କୋରେଇ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ଚୋରା ମଦ କାରବାର ଦିନକୁ ଦିନ ବୃଦ୍ଧିପାଉଛି। ଅବକାରୀ ବିଭାଗ ଓ ପୋଲିସର ଚୋରା ମଦ ବେପାରୀଙ୍କ ପ୍ରତି ଅହେତୁକ ଅନୁକମ୍ପା ଯୋଗୁ ନିର୍ଭୟରେ ଏହି କାରବାର ଚାଲିଥିବା ଅଭିଯୋଗ ହେଉଛି। ବ୍ଲକର ୨୮ ପଞ୍ଚାୟତରେ ଥିବା ବିଭିନ୍ନ ଢ଼ାବା, ହୋଟେଲ, ଗାଁ ପାନଦୋକାନ, ଜଳଖିଆ ଦୋକାନ ଆଦିରେ ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ ବିକ୍ରି କରାଯାଉଛି। ଅଧିକାଂଶ ସ୍ଥାନରେ ବିଦେଶୀମଦଠାରୁ ଆରମ୍ଭକରି ଭାଟିମଦ, ବିଷାକ୍ତ ରନ୍ଧାମଦ ଓ ନକଲି ବିଦେଶୀ ମଦ ବିକ୍ରି ବଢ଼ିଚାଲିଛି। ୨୪ ଘଣ୍ଟା ମଦ ବିକ୍ରି ଯୋଗୁ ପ୍ରତିଦିନ ବ୍ଲକର ବିଭିନ୍ନ ସ୍ଥାନରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଦୁର୍ଘଟଣା ବଢ଼ିବା ସହ ଯୁବଗୋଷ୍ଠୀ ନିଶାରେ ଅପରାଧ ଦୁନିଆରେ ପାଦ ଥାପୁଛନ୍ତି। ବ୍ୟକ୍ତି ଓ ଯୁବକମାନେ ବଜାରରେ ମିଳୁଥିବା ନକଲି ବିଦେଶୀ ମଦପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି।
ଗ୍ରାମଗୁଡ଼ିକରେ ଚୋରା ମଦ ବିକ୍ରି ଯୋଗୁ ପରିବେଶ ଅଶାନ୍ତ ହେବା ସହିତ ଅନେକ ଲୋକଙ୍କ ଜୀବନ ଜୀବିକା ଉପରେ ଏହାର କୁପ୍ରଭାବ ପଡୁଛି। ବେଆଇନ ମଦ କାରବାରକୁ ରୋକିବା ଅବକାରୀ ବିଭାଗ ଓ ପୋଲିସର ଦାୟିତ୍ୱ। ହେଲେ ଏଠାରେ ଚୋରା ମଦ ବ୍ୟବସାୟୀ ଓ ଅବକାରୀ ବିଭାଗ ଏବଂ ପୋଲିସର ସୁସମ୍ପର୍କ ରହିଥିବା ଅଭିଯୋଗ ହୋଇଛି। ସାଧାରଣ ଲୋକ ଓ ସରକାରଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ପୋଲିସ ଏବଂ ଅବକାରୀ ବିଭାଗର କେତେଜଣ କର୍ମଚାରୀ ନିଜ ବେପାରରେ ମାତିଛନ୍ତି। ବ୍ଲକ ଅଧୀନ ୨୮ ପଞ୍ଚାୟତର ସମସ୍ତ ୧୪୦ ଗାଁରେ ଛୋଟ ପାନଦୋକାନଠାରୁ ଆରମ୍ଭକରି ପ୍ରତ୍ୟେକ ସାହି ଓ ପାଣିକୋଇଲି ଦେଇ ଯାଉଥିବା ରାଜାମୁଣ୍ଡା ଏନ୍‌ଏଚ୍ ୨୦ ମୁଖ୍ୟରାସ୍ତା କଡ଼, ସମସ୍ତ ଢାବା, ମେଡିକାଲ ଏପରି କି ସ୍କୁଲ, କଲେଜ ସମ୍ମୁଖରେ ଦେଶୀ, ବିଦେଶୀ ଓ ବିଷାକ୍ତ ରନ୍ଧାମଦ ଦୋକାନ ଖୋଲିଛି।
କୋରେଇ ଥାନା ଅଧୀନ କଣ୍ଟାଝରୀ ଛକ, ରଗଡ଼ି ଛକ, ରଣପୁର ଗ୍ରାମ ଓ କଡ଼ମା ଗ୍ରାମରେ ଚୋରା ମଦ ବେପାର ଚରମସୀମାରେ ପହଞ୍ଚିଛି। କଣ୍ଟାଝରୀ ଛକ ଓ ରଗଡ଼ି ଛକର କେତେଜଣ ଢ଼ାବା ମାଲିକ ଦୀର୍ଘ ବର୍ଷ ହେବ ଚୋରା ମଦ ବେପାର କରୁଛନ୍ତି। ସେହିପରି ରଗଡ଼ି ପ୍ରାଥମିକ ବିଦ୍ୟାଳୟ ଏବଂ ପଛିକୋଟ ହାଇସ୍କୁଲର ନିକଟବର୍ତ୍ତୀ ମା’ କାମୁଡେଇ ପୀଠ ପାଖରେ ୨ ବ୍ୟକ୍ତି ରୀତିମତ ମଦ ବ୍ୟବସାୟ କରୁଛନ୍ତି। ପରମାନନ୍ଦପୁର ଗ୍ରାମରେ ଜଣେ ଯୁବକ ୧୦ବର୍ଷ ହେବ ନିଜର ଚୋରା ବ୍ୟାପାର ଚଳେଇଥିବା ଆଲୋଚନା ହେଉଛି। ଯାଜପୁର ରୋଡ୍ ଅବକାରୀ ବିଭାଗ ଓ ପୋଲିସ ଜାଣତରେ ଏସବୁ ଚାଲିଛି। ଅଧିକାରୀମାନେ ଚୋରା ମଦ ବେପାରୀଙ୍କଠାରୁ ମାସିକିଆ ମୋଟା ଅଙ୍କର ମୁନାଫା ନେଇ ସୁରକ୍ଷା ଦେଉଥିବା ଚର୍ଚ୍ଚା ହେଉଛି। ଏଥିପାଇଁ ବାରମ୍ବାର ଅଭିଯୋଗ ହେଲେ ମଧ୍ୟ ଅବକାରୀ ବିଭାଗ କିମ୍ବା ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ମତପ୍ରକାଶ ପାଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଯାଜପୁର ରୋଡ୍ ଅବକାରୀ ବିଭାଗ ଅଧିକାରୀ ସତ୍ୟ ପ୍ରଧାନଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। କୋରେଇ ଥାନା ଏସ୍‌ଆଇ ବିଶ୍ୱଜିତ ବିଶ୍ୱାଳଙ୍କୁ ପଚାରିବାରେ ସେ କହିଛନ୍ତି, ଚୋରା ମଦ ବେପାର ଉପରେ ଚଢ଼ାଉ ଜାରି ରହିଛି। ଆଗକୁ ମଧ୍ୟ ଜାରି ରହିବ।

## ଫେରାର ଅଭିଯୁକ୍ତ ଗିରଫ

ବାଲିକୁଦା,(ତାପସ ସ୍ୱାଇଁ): ବାଲିକୁଦା ଥାନା ଅଞ୍ଚଳର ଜଣେ ଅନୁସୂଚିତ ଜାତି ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଫେରାର ଥିବା ଅଭିଯୁକ୍ତ ସୁନିଲ ସ୍ୱାଇଁଙ୍କୁ ମଙ୍ଗଳବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୁନିଲଙ୍କ ଘର ଏରସମା ଥାନା ଅନ୍ତର୍ଗତ ଘୋଷାଘର ଗ୍ରାମରେ। ସେ ସମ୍ପୃକ୍ତା ମହିଳାଙ୍କୁ ବଳାତ୍କାର କରିଥିବା ନେଇ ଫେବୃୟାରୀ ୨୩ ବାଲିକୁଦା ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୮୪/୨୩) ରୁଜୁ କରିଥିଲା। ଏହା ପରଠୁ ସୁନୀଲ ଫେରରା ଥିଲେ। ଏହି ମାମଲାର ତଦନ୍ତ ଭାର ଏସଡିପିଓ ରମେଶ ଚନ୍ଦ୍ର ସିଂ ନେଇଥିଲେ। ମଙ୍ଗଳବାର ଏସଡିପିଓ ସିଂ ଅଭିଯୁକ୍ତଙ୍କୁ ଧରିବାକୁ ସକ୍ଷମ ହୋଇଥିଲେ।



## ସଂକ୍ଷେପରେ

### ଡେରାବିଶରେ ସାଇବର ଠକାମିର ଶିକାର ହେଲେ ଯୁବକ

**ଡେରାବିଶ, ୨୭।୬ (ବେବର୍ତ୍ତା ଅଜୟ ଦାସ):** ଡେରାବିଶ ଥାନା ଅନ୍ତର୍ଗତ ପଲେଇ ପଞ୍ଚାୟତ ସବଳଙ୍ଗ ଗ୍ରାମର ଜଣେ ଯୁବକ ସାଇବର ଠକେଇର ଶିକାର ହୋଇଛନ୍ତି। ଠକାମିର ଶିକାର ହୋଇଥିବା ଯୁବକ ଜଣକ ହେଲେ କାଳିପ୍ରସାଦ ପୃଷ୍ଟି। କାଳୀ ପ୍ରସାଦଙ୍କ ସୂଚନା ଅନୁଯାୟୀ, ଗତ ୧୭ ତାରିଖରେ ତାଙ୍କ ଫୋନ୍‌କୁ ଏକ ଅଜଣା ନମ୍ବରରୁ ଫୋନ୍ ଆସିଥିଲା। ଏହି ଫୋନ୍‌ରୁ ତାଙ୍କ ଜମାଖାତାକୁ ୧ଲକ୍ଷ ଟଙ୍କା ଯାଇଥିବା ନେଇ ସମ୍ପୃକ୍ତ ବ୍ୟକ୍ତି ଜଣକ କହିଥିଲେ। କାଳି ପ୍ରସାଦଙ୍କ ମନରେ ସନ୍ଦେହ ହେବାରୁ ସେ ସ୍ଥାନୀୟ ଏଟିଏମ୍‌ରେ ଜମାଖାତା ଚେକ୍ କଲାବେଳକୁ ତାଙ୍କ ଜମାଖାତାରୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଏକ ଅଜଣା ଜମାଖାତାକୁ ୧ଲକ୍ଷ ଟଙ୍କା ସ୍ଥାନାନ୍ତର ହୋଇଯାଇଛି। ପରେ କାଳିପ୍ରସାଦ ସେହି ନମ୍ବରକୁ ଫୋନ୍ କରିବାରୁ ସମ୍ପୃକ୍ତ ବ୍ୟକ୍ତି ଜଣକ ଆଉ ଫୋନ୍ ଉଠାଇ ନ ଥିଲେ। ପର ୨ ଦିନ ଛୁଟିଥିବାରୁ ସୋମବାର ଚାନ୍ଦୋଳ ଷ୍ଟେଟ୍ ବ୍ୟାଙ୍କକୁ ଯାଇ ଏ ସମ୍ପର୍କରେ ଶାଖା ପରିଚାଳକଙ୍କୁ ସେ ଅବଗତ କରାଇଥିଲେ। ତାଙ୍କ ଜମାଖାତାକୁ ବ୍ଲକ କରାଯାଇଛି। ପରେ ଏ ସଂକ୍ରାନ୍ତରେ କଟକ ସାଇବର ଥାନାରେ କାଳୀପ୍ରସାଦ ଲିଖିତ ଅଭିଯୋଗ କରିଥିଲେ। ମଙ୍ଗଳବାର ଥାନାରେ ଏ ନେଇ ଅଭିଯୋଗ ସେ କରିଛନ୍ତି। କିପରି ଏତେଗୁଡ଼ିଏ ଟଙ୍କା କାଳୀପ୍ରସାଦଙ୍କ ଜମାଖାତାରୁ ଅନ୍ୟ ଏକ ବ୍ୟାଙ୍କ ଖାତାକୁ ଗଲା, ସେ ନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ଏସ୍ଆଇ ବିଜୟ କୁମାର ଖଟୁଆ କହିଛନ୍ତି।

### ଘରବାଡ଼ିରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଠାବ

#### ପାରିବାରିକ କଳହର କରୁଣ ପରିଣତି

**ବାଲିକୁଦା, ୨୭।୬(ତାପସ ସ୍ୱାଇଁ):** ବାଲିକୁଦା ବ୍ଲକ ବନ୍ଦର ମେରାଇନ ଥାନା ଅଧୀନ ନହରଣା ଗ୍ରାମରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ସୋମବାର ରାତିରେ ତାଙ୍କ ଘରବାଡ଼ିରୁ ମିଳିଛି। ସେ ହେଲେ ଗାଁର ନବଘନ ମଲ୍ଲିକ। ପୋଲିସ ସୂଚନା ଅନୁଯାୟୀ, ସୋମବାର ସ୍ତ୍ରୀଙ୍କ ସହ ନବଘନଙ୍କ ଝଗଡ଼ା ହୋଇଥିଲା। ରାଗରେ ରାତିରେ ଘର ଲୋକଙ୍କୁ ଆତ୍ମହତ୍ୟା କରିବା ପାଇଁ ନବଘନ ଧମକ ଦେଇଥିଲେ। ମାତ୍ର କେହି ଘଟଣାକୁ ବିଶ୍ୱାସକୁ ନେଲେ ନାହିଁ। ରାତି ୧୧ଟା ପର୍ଯ୍ୟନ୍ତ ସେ ଘରକୁ ନ ଆସିବାରୁ ପରିବାର ଲୋକେ ବିଭିନ୍ନ ଆଡ଼େ ଖୋଜିବା ପରେ ବାଡିପଟ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ପାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଙ୍କ ରିପୋର୍ଟ ଅନୁସାରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏଥିସହ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ନବଘନଙ୍କ ୨ ପୁଅ ଅଛନ୍ତି।

### ରାଜନୀତି ବିଜ୍ଞାନରେ ବିଶ୍ୱବିଦ୍ୟାଳୟ ଟପ୍ପର ହେଲେ ବିଶ୍ୱଜିତ

**ଆଳି, ୨୭।୬( ବନମାଳୀ ସେନାପତି):** ଆଳି ମହାବିଦ୍ୟାଳୟ ଯୁକ୍ତ ୩ କଳା ରାଜନୀତି ବିଜ୍ଞାନ ସମ୍ମାନ ବିଷୟରେ ବିଶ୍ୱଜିତ ପାତ୍ର ସର୍ବୋଚ୍ଚ ନମ୍ବର ରଖି ଉତ୍କଳ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଆଳି ବ୍ଲକ ଅଧୀନ ପଦନିପାଳ



ଗାଁର ଚନ୍ଦ୍ରକାନ୍ତ ପାତ୍ର ଓ ଭଗବତୀଙ୍କ ପୁତ୍ର ହେଉଛନ୍ତି ବିଶ୍ୱଜିତ। ଯୁକ୍ତ ୩ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ତାଙ୍କ ସଫଳତା କେବଳ ବ୍ଲକ ନୁହେଁ, ସମଗ୍ର କେନ୍ଦ୍ରାପଡ଼ା ଜିଲା ପାଇଁ ସେ ଗୌରବ ଆଣିଛନ୍ତି। ଏହି ଖବର ଜଣାପଡ଼ିବା ପରେ ଆଳି ମହାବିଦ୍ୟାଳୟ ତଥା ଅଞ୍ଚଳରେ ଆନନ୍ଦ ଲହରୀ ଖେଳିଯାଇଛି। ଏ ସମ୍ପର୍କରେ ବିଶ୍ୱଜିତ କହିଛନ୍ତି, ସଫଳତା ହାସଲ ପାଇଁ ସେ ଦୈନିକ ୮ ଘଣ୍ଟା ପରିଶ୍ରମ କରୁଥିଲେ। ଏହି ସଫଳତାର ଶ୍ରେୟ ସେ ନିଜର ମାତାପିତା ଓ କଲେଜର ଅଧ୍ୟାପକମାନଙ୍କୁ ଦେବେ। ଆଗାମୀଦିନରେ ଅଧ୍ୟାପକ ହେବାକୁ ସେ ଲକ୍ଷ୍ୟ ରଖିଛନ୍ତି।

### ଭାଜପାର ମହାଜନ ସମ୍ପର୍କ ଅଭିଯାନ

**ଏରସମା, ୨୭।୬(ଦୀପ୍ତି ରଞ୍ଜନ ଖଣ୍ଡୁଆଳ):** ଏରସମା ବ୍ଲକ ଜପା ପଞ୍ଚାୟତ ଦେଇକା ଗାଁରେ ଭାଜପା ପକ୍ଷରୁ ସୋମବାର ମହାଜନ ସମ୍ପର୍କ ଅଭିଯାନ ହୋଇଯାଇଛି। ଏଥିରେ ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ନୃସିଂହ ସାହୁ ଅଧ୍ୟକ୍ଷତା କରି କହିଥିଲେ, କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକଙ୍କ ପ୍ରିୟଭାଜନ ହୋଇ ପାରିଛନ୍ତି ସେମ ଏଥିରେ ବାଲିକୁଦା ଏରସମାର ଭାଜପା ନେତା ଶିବବ୍ରତ ଦାସ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମହାନ୍ତି, ଜଗତସିଂହପୁର ଜିଲା ଉପସଭାପତି ମୋହିତ ମହାନ୍ତି, ବ୍ଲକ କୃଷକ ମୋର୍ଚ୍ଚା ସଭାପତି ତପନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ହାଜିର ପାଇଁ କ୍ରେତା, ବିକ୍ରେତା, ସାକ୍ଷୀ, ଅଭିଯୋଗକାରୀଙ୍କୁ ନୋଟିସ

**ରାଜନଗର, ୨୭।୬ (ଭାସ୍କର ରାଉତରାୟ)**

**ରାଜନଗରରେ ଭୂତ ଜମି ବିକ୍ରିବା ଘଟଣା**

■ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ଓ ଦଲାଲଙ୍କୁ ଧରିବାକୁ ପୋଲିସର ତନାଘନା

ରାଜନଗର ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ୨୫ବର୍ଷ ତଳେ ମୃତ୍ୟୁବରଣ କରିଥିବା ବ୍ୟକ୍ତି ଜମି ବିକ୍ରି କରିବା ଘଟଣାର ପ୍ରକୃତ ରହସ୍ୟ ଉପରୁ ଗୋଟିଏ ପରେ ଗୋଟିଏ ପରଦା ହଟିବାରେ ଲାଗିଛି। ଏହି ଘଟଣାରେ ପୋଲିସ ଗୋଟିଏ ପଟରେ ପଚରା ଉଚରା ଆରମ୍ଭ କରିଥିବା ବେଳେ ଅନ୍ୟପକ୍ଷେ ତହସିଲଦାରଙ୍କ ପକ୍ଷରୁ ଏହି ଦୁର୍ନୀତିର ଖୋଳତାଡ଼ ଆରମ୍ଭ କରାଯାଇଛି। ଅଭିଯୋଗକାରୀ, କ୍ରେତା, ବିକ୍ରେତା, ଚିହ୍ନଟ, ସାକ୍ଷୀ, ଦଲିଲ ଲେଖନକାରୀଙ୍କୁ ଜୁଲାଇ ୧୫ରେ ତହସିଲଦାରଙ୍କ କୋର୍ଟରେ ହାଜର ହେବା ପାଇଁ ଡାକ ଯୋଗେ ନୋଟିସ ପଠାଯାଇଛି। ୧୫ ତାରିଖରେ ବୟାନ ରେକର୍ଡ କରାଯିବା ପରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ମିଳିଛି। ଉଲ୍ଲେଖ୍ୟଯୋଗ୍ୟ, ରାଜନଗର ତହସିଲ ଅନ୍ତର୍ଗତ ଭାଟପଡା ମୌଜାର ଖାତା ନଂ. ୮ ପ୍ଲଟ ନଂ. ୧୬୫ ରକବା ୫ ଏକର ୭୮ ଡେସିମିଲି ଜମି ମାଲିକ ଭଦ୍ରକ ଜିଲା ସାହାଡ଼ାକଚେରୀ ସାହିର ଉପେନ୍ଦ୍ର ଖିଲାର। ଉପେନ୍ଦ୍ର ୧୯୯୮ରେ ମୃତ୍ୟୁବରଣ କରି ସାରିଛନ୍ତି। ୨୦୨୩ ମେ ୨ରେ ଭଦ୍ରକ ଜିଲା ନରସିଂହ ଥାନା ଅନ୍ତର୍ଗତ ଜାଗୁଲା ଗାଁର କାର୍ତ୍ତିକ ଖିଲାର ନିଜକୁ ଉପେନ୍ଦ୍ର ବୋଲି ଦର୍ଶାଇ ଏହି ୫ ଏକର ୭୮ ଡେସିମିଲ ଜମିକୁ ରାଜନଗର ଥାନା ଅନ୍ତର୍ଗତ କୁଶାଇଲୋ ଗାଁର କ୍ଷୀରୋଦ କୁମାର ରାଉତରାୟଙ୍କ ସ୍ତ୍ରୀ ରାଧାରାଣୀ ରାଉଳଙ୍କୁ ବିକ୍ରି କରି ଦେଇଛନ୍ତି। କାର୍ତ୍ତିକ ନିଜର ଆଧାରକାର୍ଡକୁ ନକଲ କରି ଉପେନ୍ଦ୍ର ଖିଲାର ନାଁରେ ଆଧାରକାର୍ଡ ପ୍ରସ୍ତୁତ କରି ଏହି ଜମି ବିକ୍ରି କରି ଦେଇଛନ୍ତି। ପ୍ରକୃତ ଜମି ମାଲିକ ମୃତ ଉପେନ୍ଦ୍ରଙ୍କ ଝିଅ ମଞ୍ଜୁଲତା ଖିଲାର ଏହା ଜାଣିବା ପରେ ରାଜନଗର ଥାନାରେ ଜୁନ୍ ୫ରେ ଲିଖିତ ଅଭିଯୋଗ କରିବା ସହ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗରେ ସେ କିପରି ଠକେଇର ଶିକାର ହୋଇଛନ୍ତି ଓ ତାଙ୍କ ଜମିକୁ କିପରି ହଡପ କରାଯାଇଛି, ତା' ଲେଖିବା ସହ ସମସ୍ତ ପ୍ରମାଣପତ୍ର ପୋଲିସ ଓ ତହସିଲଦାରଙ୍କୁ ଦେଇଥିଲେ। ପୋଲିସ ଅଭିଯୋଗ ପାଇବା ପରେ ଦଫା ୪୧୭, ୪୧୮, ୪୧୯, ୪୨୦, ୪୬୫, ୪୬୮, ୪୭୧ ଓ ୩୪ ଆଇପିସିରେ ନଂ. ୪୨୦/୨୩ ମାମଲା ରୁଜୁ କରିଛି। ଏହି ଘଟଣାରେ ସୋମବାର କ୍ରେତା ରାଧାରାଣୀ ରାଉଳ, ସାକ୍ଷୀ ତଥା କ୍ରେତାଙ୍କ ସ୍ୱାମୀ କ୍ଷୀରୋଦ କୁମାର ରାଉତରାୟ ଓ ଉପନିବନ୍ଧକଙ୍କ କାର୍ଯ୍ୟାଳୟର ମୁଖ୍ୟ କିରାଣି ବସନ୍ତ କୁମାର ସାହୁଙ୍କୁ ପୋଲିସ ଜେରା କରି ସେମାନଙ୍କ ବୟାନ ରେକର୍ଡ କରିଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ନକଲି ଉପେନ୍ଦ୍ର ଖିଲାର, ତାଙ୍କ ପୁଅ ବିଶ୍ୱଜିତ୍ ଖିଲାର ଓ ମଧ୍ୟସ୍ଥି ପ୍ରମୋଦ ସେଠୀଙ୍କୁ ଧରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ଏମାନେ ଧରାପଡ଼ିଲେ ପ୍ରକୃତ ଘଟଣା ଉପରୁ ପରଦା ଉଠିବ। ଅପରପକ୍ଷରେ ରାଜନଗର ତହସିଲ ପକ୍ଷରୁ ମଙ୍ଗଳବାର ଏହି ଜମି କିଣିଥିବା ରାଧାରାଣୀ, ବିକ୍ରି କରିଥିବା କାର୍ତ୍ତିକ ଖିଲାର ଓରଫ ନକଲି ଉପେନ୍ଦ୍ର, ଦଲିଲରେ ଚିହ୍ନଟି ପଡ଼ିଥିବା କାର୍ତ୍ତିକଙ୍କ ପୁଅ ବିଶ୍ୱଜିତ ଖିଲାର, ସାକ୍ଷୀ ପଡ଼ିଥିବା କ୍ରେତାଙ୍କ ସ୍ୱାମୀ କ୍ଷୀରୋଦ କୁମାର ରାଉତରାୟ, ଅଭିଯୋଗକାରୀ ମଞ୍ଜୁଲତା ବାରିକଙ୍କୁ ତହସିଲ ପକ୍ଷରୁ ଡାକ ଯୋଗେ ନୋଟିସ ଦିଆଯାଇଛି। ୧୫ ତାରିଖରେ ସେମାନଙ୍କ ବୟାନ ରେକର୍ଡ କରାଯିବା ପରେ ପଦକ୍ଷେପ ନିଆଯିବା ପରେ ତହସିଲଦାର ଅଶ୍ୱିନୀ କୁମାର ଭୁୟାଁ କହିଛନ୍ତି।

# ଗଣମାଧ୍ୟମ ପ୍ରତିନିଧିଙ୍କୁ ବାରଣ ନେଇ ଅସନ୍ତୋଷ



ବିଧାୟକ ବିଜୟ ଶଙ୍କର ଦାସ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରୁଛନ୍ତି।

**ତିର୍ତ୍ତୋଲ, ୨୭।୬(ଗୌରାଙ୍ଗ ଚରଣ ସ୍ୱାଇଁ)**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସରଣୀ ଛକ ନିକଟ ଆନନ୍ଦ ମଣ୍ଡପ ପରିସରରେ ମଙ୍ଗଳବାର ବିଜେଡିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ଦଳିୟ ପର୍ଯ୍ୟବେକ୍ଷକ ପୂର୍ବତନ ମନ୍ତ୍ରୀ ଅରୁଣ କୁମାର ସାହୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ବିଧାୟକ ତଥା ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ଜିଲା ସଭାପତି ରବିନାରାୟଣ ଜେନା, ଜଗତ୍‌ସିଂହପୁର ଜିଲା ପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି, ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ବ୍ଲକ ଉପାଧ୍ୟକ୍ଷା ସନ୍ଧାରାଣୀ ମହାନ୍ତି, ବ୍ଲକ ବିଜେଡି ସଭାପତି ତଥା ଜିଲା ପରିଷଦ ସଭ୍ୟ ଗଙ୍ଗାଧର ବିଶ୍ୱାଳ, ୩ ନଂ. ଜିଲାପରିଷଦ ସଭ୍ୟ ସୁନିଲ କୁମାର ବେହେରା, ପୂର୍ବତନ ବ୍ଲକ ବିଜେଡି ସଭାପତି ଅଶ୍ୱିନୀ କୁମାର ଦାସ, ଜିଲା ସମ୍ପାଦକ ତଥା କନିମୂଳର ସମିତି ସଭ୍ୟ ବସନ୍ତ ମହାପାତ୍ର, ବ୍ଲକ ଆମ୍ବ କମିଟି ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ମଲ୍ଲିକ, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ସୁମିତ ଦାସଙ୍କ ସମେତ ବହୁ ଆଗଧାଡିର କର୍ମୀ ଉପସ୍ଥିତ ଥିଲେ। ବୈଠକରେ ୫-ଟି ସଚିବଙ୍କ ଜିଲା ଗସ୍ତ ସଫଳ ଲାଗି ଆଲୋଚନା ହେବାର ଥିଲା ଶୁଣି କିଛି ଗଣମାଧ୍ୟମ ପ୍ରତିନିଧି ସେଠାକୁ ଯାଇଥିଲେ। ସେମାନଙ୍କୁ ସଭାଗୃହ ମଧ୍ୟରେ ପ୍ରବେଶ ବାରଣ କରାଯାଇଥିଲା। ଫଳରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ବୈଠକ ପରେ ବିଧାୟକ ଦାସଙ୍କୁ ଏହି ବୈଠକ ଓ ୫-ଟି ସଚିବଙ୍କ ଗସ୍ତ ସମ୍ପର୍କରେ ପଚାରିବାରୁ ଏହା ଦଳିୟ ସମୀକ୍ଷା ବୈଠକ ଥିଲା ବୋଲି କହିଥିଲେ।

# ରଥଦାଣ୍ଡରେ ଚିତ୍ରକଳା ପ୍ରତିଯୋଗିତା



ରଥଦାଣ୍ଡରେ ଚିତ୍ରକଳା ପ୍ରତିଯୋଗିତାରେ ସାମିଲ ହୋଇଥିବା ପିଲାମାନେ ନିଜର ଚିତ୍ରକୁ ପ୍ରଦର୍ଶନ କରୁଛନ୍ତି।

**କେନ୍ଦ୍ରାପଡ଼ା, ୨୭।୬ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ସହର ଇଚ୍ଛାପୁରସ୍ଥ ମାଉସୀ ମା' ମନ୍ଦିର ପରିସରରେ ଗୋକୁଳ ଚନ୍ଦନ ସଙ୍ଗୀତ ସଦନ ପକ୍ଷରୁ ଚିତ୍ରକଳା ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ଏ ସମ୍ପର୍କରେ ସଙ୍ଗୀତ ସଦନ ଅନୁଷ୍ଠାନ ସମ୍ପାଦକ ଉମାକାନ୍ତ ଜେନା କହିଛନ୍ତି, ଶିଶୁ ପ୍ରତିଯୋଗୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ତୁଳସୀ କ୍ଷେତ୍ରର ବିଶାଳ ବ୍ରହ୍ମ ତାଳଧ୍ୱଜ ରଥର ଛବି ଆଙ୍କିବାକୁ ରଖାଯାଇଥିଲା। ପ୍ରତିଯୋଗୀମାନେ ଚିତ୍ର ମାଧ୍ୟମରେ ରଥର ମାହାତ୍ମ୍ୟ ସମ୍ପର୍କରେ ମତ ଉପସ୍ଥାପନ କରିଥିବା ବେଳେ ଏକ ଆଧ୍ୟତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଚିତ୍ରଗୁରୁ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ନୃତ୍ୟଗୁରୁ ଭାନୁପ୍ରିୟା ଖଟୁଆ ୩୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀଙ୍କ ଚିତ୍ରକୁ ଶ୍ରେଷ୍ଠ ବୋଲି ଚିହ୍ନଟ କରିଥିଲେ। ଏହି ଅବସରରେ ଓପାକ ମୁଖ୍ୟ ଶୁଭଙ୍କର ନାୟକ, ମୋହିନୀ ମେକାପ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହାକୁ ମୋହିନୀ ଗୌତମ ସାହୁ, ଲକ୍ଷ୍ମୀମୁଦ୍ରା ଶତପଥୀ, ସୌମ୍ୟା ସଲୋନୀ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ସର୍ବସାଧାରଣରେ ଯୁବକଙ୍କୁ ମାଡ଼ ମାରିଲେ ବିଡିଓ

**କୁଜଙ୍ଗ, ୨୭।୬ (ମନୋଜ ପ୍ରଧାନ)**

କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ମଙ୍ଗଳବାର ଅପରାହ୍ଣରେ ସ୍ଥାନୀୟ ପଞ୍ଚାୟତ ବଜାର ସମ୍ମୁଖରେ ଜଣେ ଯୁବକଙ୍କୁ ମାଡ଼ ମାରିଛନ୍ତି। ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ପାଣିଗ୍ରାହୀ ଜଣେ ବ୍ଲକ କର୍ମଚାରୀଙ୍କ ସହ ସ୍କୁଟିରେ ବସି କାର୍ଯ୍ୟାଳୟକୁ ଯିବା ସମୟରେ ସମ୍ପୃକ୍ତ ଯୁବକ ତାଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ଏନେଇ ପାଣିଗ୍ରାହୀ ସ୍କୁଟିରୁ ଓହ୍ଲାଇ ସର୍ବସାଧାରଣରେ ସମ୍ପୃକ୍ତ ଯୁବକଙ୍କୁ ମାଡ ମାରିଥିଲେ । ଏ ସମ୍ପର୍କରେ ବିଡିଓଙ୍କୁ ପଚାରିବାରେ, ତାଙ୍କ ମା'ଙ୍କୁ ସମ୍ପୃକ୍ତ ଯୁବକ ନିଶାସକ୍ତ ଅବସ୍ଥାରେ ଅଶ୍ରାବ୍ୟ ଭାଷାରେ ଗାଳିଦେଇଥିଲେ। ଏହାକୁ ପାଣିଗ୍ରାହୀ ସହ୍ୟ କରି ନ ପାରି ମାଡ଼ମାରିଛନ୍ତି ବୋଲି କହିଛନ୍ତି। ଏ ନେଇ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବ ସେ ଗ୍ରହଣ କରିବାକୁ ପ୍ରସ୍ତୁତ ବୋଲି ମତ ଦେଇଛନ୍ତି।

# ରାଶନ ମାଗିଲେ ମିଳୁଛି ଧମକ: ନ୍ୟାୟ ଦାବିରେ ହିତାଧିକାରୀଙ୍କ ବିକ୍ଷୋଭ



ତଦନ୍ତ କରିବାକୁ ଯାଇଥିବା ଟିମ୍ ଗାଡ଼ି ଆଗରେ ଜଣେ ହିତାଧିକାରୀ ଶୋଇଛନ୍ତି।

**ମହାକାଳପଡ଼ା, ୨୭।୬(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସୀମା ରେଖା ତଳେ ବସବାସ କରୁଥିବା ଗରିବ, ଅଭାବୀ ଲୋକମାନଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ସମସ୍ତଙ୍କୁ ରାଶନ ସାମଗ୍ରୀ ଯୋଗାଇ ଦେଉଛନ୍ତି। କେନ୍ଦ୍ରାପଡା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ବଳିପାଳ ପଞ୍ଚାୟତର ବାଲିସାହି, ଗୋଡିସାହି, ଘଣ୍ଟିଆପଲ୍ଲୀ, ଯସୁଆପଲ୍ଲୀ ଆଦି ଗ୍ରାମର ହିତାଧିକାରୀଙ୍କୁ ୩ ମାସ ରିଟେଲର ରାଶନ ସାମଗ୍ରୀ ବଣ୍ଟନ କରୁନାହାନ୍ତି। ରିଟେଲରଙ୍କୁ ହିତାଧିକାରୀ ଖାଦ୍ୟ ସାମଗ୍ରୀ ମାଗିବାକୁ ଗଲେ ଆଜିକାଲି ଆସ କହି ମିଳୁଛି ଧମକ ଓ ଅଶ୍ଳୀଳ ଭାଷାରେ ଗଳିଗୁଲଜ କରୁଛନ୍ତି ବୋଲି ବାଲିସାହି ଗ୍ରାମର ଅଶୋକ ରାଉତ, ମାଳତି ରାଉତ, କଳ୍ପନା ନାୟକ, ଗୋଡିସାହି ଗ୍ରାମର କପିଳାସ ବାରିକଙ୍କ ସମେତ ଶହେରୁ ଅଧିକ ହିତାଧିକାରୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଚତୁରତାର ସହିତ ରିଟେଲର ହିତାଧିକାରୀଙ୍କ ଟିପ ଚିହ୍ନ ଓ କାର୍ଡ ସଂଗ୍ରହ କରି ନିଜ ପାଖରେ ରଖି ସମୟ ଗଡ଼ାଇ ଚାଲିଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ପ୍ରଶାନ୍ତ ଗନ୍ତାୟତଙ୍କୁ ପଚାରିବାରେ ଆପଣଙ୍କ ପାଖରୁ ଖବର ପାଇଲି, ଏକ ୩ ଜଣିଆ ଟିମ୍ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ଦାସଙ୍କ ନେତୃତ୍ୱ ଘଟଣାସ୍ଥଳରେ ପହଞ୍ଚି ୪ଟି ଗାଁର ହିତାଧିକାରୀଙ୍କଠାରୁ ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ। ତଦନ୍ତ ରିପୋର୍ଟ ଆସିବା ପରେ ରିଟେଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଖୁବ୍‌ଶୀଘ୍ର ରାଶନ ସାମଗ୍ରୀ ହିତାଧିକାରୀଙ୍କୁ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ତଦନ୍ତ କରିବାକୁ ଯାଇଥିବା ଅଧିକାରୀଙ୍କ ଗାଡ଼ି ଆଗରେ ଶୋଇ ରାଶନ ସାମଗ୍ରୀ ଯୋଗାଇ ଦେବା ଲାଗି ଜଣେ ହିତାଧିକାରୀ ଦାବି କରୁଛନ୍ତି।

# ଖବରଦାତାଙ୍କ ସମସ୍ୟା ଉଠାଇଲା ଏସ୍‌ୟୁଜେ

**କେନ୍ଦ୍ରାପଡ଼ା, ୨୭।୬ (ଜଗନ୍ନାଥ ଧଳ)**



ଜିଲାପାଳଙ୍କୁ ଖବରଦାତାମାନେ ଦାବି ପତ୍ର ଦେଉଛନ୍ତି।

ଷ୍ଟେଟ ୟୁନିୟନ ଅଫ ଜର୍ନାଲିଷ୍ଟସ (ଏସ୍‌ୟୁଜେ) ଓଡ଼ିଶା କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ଖବରଦାତାଙ୍କ ବିଭିନ୍ନ ସମସ୍ୟା ଉଠାଯାଇଛି। ସମସ୍ୟାର ସମାଧାନ ପାଇଁ ଜିଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ରକୁ ଜିଲାପାଳଙ୍କୁ ମଙ୍ଗଳବାର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଜିଲା ସଭାପତି ଦଇତାରୀ ଜେନା କହିଛନ୍ତି, ରାଜ୍ୟର ସମସ୍ତ କଲ୍ୟାଣକାରୀ ଯୋଜନାର ବିଭିନ୍ନ ଦିଗକୁ ଖବରଦାତାମାନେ ପ୍ରତିକ୍ଷଣରେ ତର୍ଜମା କରିଥାନ୍ତି। ଏହାର ସୁଫଳ ସାଧାରଣ ଲୋକଠାରୁ ସରକାର ପାଇଥାନ୍ତି। ମାତ୍ର ଖବର ସଂଗ୍ରହ ଓ ପରିବେଷଣରେ ଖବରଦାତାଙ୍କ ସୁରକ୍ଷା ଉପରେ ସାମ୍ପ୍ରତିକ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି କେତେଜଣ ଅସାମାଜିକ ବ୍ୟକ୍ତି ଓ ଅନୁଷ୍ଠାନ ପକ୍ଷରୁ ସୃଷ୍ଟି କରାଯାଉଛି। ଯାହା ସୁସ୍ଥ ଓଡ଼ିଶା ଗଠନରେ ଆଦୌ ସହାୟକ ନୁହେଁ। ଗଣତାନ୍ତ୍ରିକ ଦେଶରେ ଖବରଦାତାଙ୍କ ବିଭିନ୍ନ ସମସ୍ୟାର ସମାଧାନ ଏବେ ଜରୁରୀ ହୋଇପଡ଼ିଛି। ମହାରାଷ୍ଟ୍ର ଓ ଛତିଶଗଡ଼ ରାଜ୍ୟରେ ଖବରଦାତାଙ୍କ ସୁରକ୍ଷା ପାଇଁ ଆଇନ ହୋଇଛି। ଏହି ଢ଼ାଞ୍ଚାକୁ ଓଡ଼ିଶାରେ ଲାଗୁ କରାଯାଉ। ସ୍ୱାସ୍ଥ୍ୟକାର୍ଡ ଅନୁଦାନ ରାଶି ୨ ଲକ୍ଷରୁ ୧୦ ଲକ୍ଷକୁ ବୃଦ୍ଧି, ଖବରଦାତାଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ ସାମ୍ବାଦିକ କଲ୍ୟାଣ ଯୋଜନାରେ ସାମିଲ କରିବା, ଅକାଳ ବିୟୋଗରେ ଅନୁଦାନ ରାଶି ୪ ଲକ୍ଷରୁ ୨୫ ଲକ୍ଷ କରିବା, ସହରାଞ୍ଚଳରେ ସାମ୍ବାଦିକ ଅତିଥି ଭବନ ନିର୍ମାଣ ଆଦି ଦାବି ରଖାଯାଇଛି। ସେହିପରି ପେନ୍‌ସନ ବ୍ୟବସ୍ଥା, ସାମ୍ବାଦିକ ପ୍ରକୋଷ୍ଠ, ବୀମା ଯୋଜନାରେ ପୋର୍ଟାଲ ଖବରଦାତାଙ୍କୁ ସାମିଲ ଆଦି ଏହି ଦାବିପତ୍ରରେ ଉଲ୍ଲେଖ ଅଛି। ଦାବିଗୁଡ଼ିକ ଅନ୍ତତଃ ସରଳ ଓ ଆବଶ୍ୟକତା ଥିବାରୁ ରାଜ୍ୟ ସରକାର ଏଥିପ୍ରତି ନିଶ୍ଚିତ ନଜର ଦେବେ ବୋଲି ଜିଲା ସଭାପତି ଜେନା ସୂଚନା ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ ସମ୍ପାଦକ ଶିବାଶିଷ ମହାନ୍ତି, ଜିଲା ସମ୍ପାଦକ ପ୍ରଶାନ୍ତ କୁମାର ନାୟକ, ଆବାହକ ପ୍ରତାପ ସ୍ୱାଇଁ, କର୍ମକର୍ତ୍ତା ଆକାଶ ଦାସ, ବିପିନ କୁମାର ଭଦ୍ର ପ୍ରମୁଖ ସାମିଲ ହୋଇଥିଲେ।

# ଇଷ୍ଟ ଜୋନ୍ ଆଥ୍‌ଲେଟ ମିଟ୍‌ରେ ଭାଗ ନେବେ ଲିଜା

**କେନ୍ଦ୍ରାପଡ଼ା, ୨୭।୬ (ଜଗନ୍ନାଥ ଧଳ)**



ଲିଜାରାଣୀ ବେହେରା

କେନ୍ଦ୍ରାପଡ଼ା ଜିଲାର ଦୌଡରାଣୀ ଲିଜାରାଣୀ ବେହେରା ପୁନର୍ବାର ନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି। ୫ ହଜାର ମିଟର ଚାଲିରେ ଦ୍ୱିତୀୟ ସ୍ଥାନରେ ରହି ଇଷ୍ଟ ଜୋନ ଆଥଲେଟ ମିଟ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ସେ କେନ୍ଦ୍ରାପଡ଼ା ବ୍ଲକ ତରାଣ୍ଡୋ ଗ୍ରାମର ଏକାଦଶୀ ବେହେରାଙ୍କ ଝିଅ। ୭ ବର୍ଷ ବୟସରୁ ଦୌଡ଼ ପ୍ରତିଯୋଗିତା ପ୍ରତି ଆଗ୍ରହୀ ହୋଇ ନିଜକୁ ପ୍ରସ୍ତୁତି କରିଥିଲେ। ବିଭିନ୍ନ ସମୟରେ ଲମ୍ବା ଦୌଡ଼ରେ ଭାଗ ନେଇ ବିଭିନ୍ନ ଅନୁଷ୍ଠାନ ଓ ଜିଲାସ୍ତରରୁ ସମ୍ମାନିତ ହୋଇଥିଲେ। କିଛିବର୍ଷ ଧରି କିସ ଅନୁଷ୍ଠାନରେ ରହି ଆଥଲେଟ ପାଇଁ ପ୍ରଶିକ୍ଷଣ ନେଉଛନ୍ତି। ଇତିମଧ୍ୟରେ ରାଜ୍ୟଠାରୁ ଜାତୀୟ ସ୍ତରର ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ଆଗାମୀ ପ୍ରତିଯୋଗିତା ସମ୍ପର୍କରେ ଲିଜାରାଣୀ କହିଛନ୍ତି, ଆସନ୍ତା ଅକ୍ଟୋବରରେ ଇଷ୍ଟ ଜୋନ ଆଥଲେଟ ମିଟ ଅନୁଷ୍ଠିତ ହେବ। ଏଥିପାଇଁ ଷ୍ଟେଟ ଟିମ ପ୍ରତିଯୋଗିତା ଗତ ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥ କିସ୍ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସେ ପ୍ରତିଯୋଗୀ ଭାବେ ଯୋଗ୍ୟତା ଅର୍ଜନ କରିଛନ୍ତି। ଦୌଡ଼ ତାଙ୍କର ମୁଖ୍ୟ ଆକର୍ଷଣ ହୋଇଥିବା ବେଳେ ଏବେ ଲମ୍ବା ଚାଲି ପାଇଁ ପ୍ରତିଯୋଗିତାରେ ଭାଗ ନେଉଛନ୍ତି। ଏଥିପାଇଁ ପ୍ରଶିକ୍ଷକଙ୍କ ପଥ ପ୍ରଦର୍ଶନରେ ନିଜର ଅଧ୍ୟବସାୟ ଜାରି ରଖିଛନ୍ତି।

# ପ୍ରାଚୀନ ଐତିହ୍ୟ, ସଂସ୍କୃତିକୁ ଋଦ୍ଧିମନ୍ତ କରିଛି ଡେରାବିଶ

**ଡେରାବିଶ, ୨୭।୬ (ବେବର୍ତ୍ତା ଅଜୟ ଦାସ)**




ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

**ଡେରାବିଶ ସାଂସ୍କୃତିକ ସଙ୍ଗଠନର ପ୍ରତିଷ୍ଠା ଉତ୍ସବ, ପ୍ରତିଭା ସମ୍ମାନ**

ଡେରାବିଶ୍‌କୁ ତା'ର ପ୍ରାଚୀନ ଐତିହ୍ୟ ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିଛି। ଡେରାବିଶ୍ ସାଂସ୍କୃତିକ ସଙ୍ଗଠନର ଦ୍ୱାଦଶ ପ୍ରତିଷ୍ଠା ଉତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ ମଙ୍ଗଳବାର ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତ ତିଳକପୁରଠାରେ ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ସଙ୍ଗଠନର ସଭାପତି ଡ. ଭକ୍ତକବି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ବକ୍ତବ୍ୟ ପ୍ରଦାନ କରିଥିଲେ। ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ଓ ସାଧବ ପୁଅଙ୍କ ଦରିଆପାରିରେ କାହାଣୀ ସହ ଡେରାବିଶ ମାଟିର ସମ୍ପର୍କ ଅତି ନିବିଡ଼ ବୋଲି ମୁଖ୍ୟ ଅତିଥି ଦଳେଇ ପ୍ରକାଶ କରିଛନ୍ତି। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲାପାଳ ପୀତାମ୍ବର ସାମଲ ଯୋଗଦେଇ ଡେରାବିଶ ମାଟି ବହୁ ପ୍ରତିଭାଙ୍କୁ ଜନ୍ମ ଦେଇ ମାଟିକୁ ଗର୍ବିତ କରିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଦାଶରଥି ଜେନା, ତହସିଲଦାର ଅକ୍ଷୟ କୁମାର ପରିଡ଼ା, ପ୍ରାଧ୍ୟାପକ ଅଜୟ କୁମାର ରାଉତ ଓ ଡେରାବିଶ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଯୋଗଦେଇ ଡେରାବିଶର ଐତିହ୍ୟ, ବୈଭବକୁ ଉଜ୍ଜୀବିତ ରଖିବାକୁ ସାଂସ୍କୃତିକ ସଙ୍ଗଠନ ଦ୍ୱାରା ଆୟୋଜିତ ଡେରାବିଶ ମହୋତ୍ସବ ସମଗ୍ର ଜିଲାର ଏକ ମାଇଲଖୁଣ୍ଟ ପାଲଟିଥିବା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଦେବୀଦତ୍ତ ମହାନ୍ତି, ପୂର୍ବତନ ସରପଞ୍ଚ ମହେନ୍ଦ୍ର କୁମାର ସିଂ, ତ୍ରିଲୋଚନ ରାଉତ, ସାହାଜାନ୍ ଖାଁ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଚଳିତ ସିଭିଲ ସର୍ଭିସ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଓ ତାଲିକାରେ ସ୍ଥାନ ପାଇଥିବା ବ୍ଲକ ଅଞ୍ଚଳର ଶୁଭସ୍ମିତା ସେଠୀ, ଡାକ୍ତରୀ ସେବାରେ କୃତିତ୍ୱ ଅର୍ଜନ କରିଥିବା ଡାକ୍ତର ଅମ୍ରିତା ଦାସ ଓ ଡକ୍ଟର ସୁଚରିତା ଦାସ, ଯୁବ ଲେଖକ ଓ ପରିବେଶବିତ୍ ଡ. ସାଗର ପ୍ରଧାନ, ଯୁକ୍ତ ୨ ବାଣିଜ୍ୟରେ ଜିଲାରେ ସର୍ବାଧିକ ନମ୍ବର ରଖିଥିବା ଲକ୍ଷ୍ମୀପ୍ରିୟା ସାହୁ, ଯୁକ୍ତ ୨ ବିଜ୍ଞାନରେ ଜିଲାରେ ସର୍ବାଧିକ ନମ୍ବର ରଖିଥିବା ସୁଶ୍ରୀ ଇପ୍‌ସିତା କର, ଯୁକ୍ତ ୨ କଳାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ କଲ୍ୟାଣୀ ଦାସ, ଚଳିତ ମାଟ୍ରିକ ପରୀକ୍ଷାରେ ଜିଲାରେ ସର୍ବାଧିକ ନମ୍ବର ରଖିଥିବା ଅସୀମା ଦାସ ଓ ଅନ୍ତର୍ଜାତୀୟ ଯୋଗ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ସୁଇଙ୍କିଲ ସ୍ୱାଇଁଙ୍କୁ ମୁଖ୍ୟ ଅତିଥି ଉପଢ଼ୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଙ୍ଗଠନର ସମ୍ପାଦକ ଅଧ୍ୟାପକ ଗୁରୁଚରଣ ସେଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ଓ ଅଧ୍ୟାପିକା ସୁଭାଷିନୀ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବକୁ ଗୌରାଙ୍ଗ ଚରଣ ସାହୁ, ଲକ୍ଷ୍ମୀକାନ୍ତ ଜେନା, ମରୁତ କୁମାର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ପୂର୍ବତନ ସରପଞ୍ଚ ବିପିନ ବିହାରୀ ସାହୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଯାତ୍ରା ଦେଖି ଯାଇଥିବା ବେଳେ ଘର ଚୋରି

ମୋହନା(ମନ୍ମଥ ମିଶ୍ର), ୨୭।୬: ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଚନ୍ଦ୍ରଗିରି ଗ୍ରାମର ଅନ୍ତରବା ରୋଡ ପୋଷ୍ଟ ଅଫିସ ନିକଟରେ ରହୁଥିବା ସୁକାନ୍ତ ପଣ୍ଡାଙ୍କ ଘରୁ ପ୍ରାୟ ୧୦୦ ଗ୍ରାମ ସୁନା ଗହଣା ସହ ଟଙ୍କା ଚୋରି ହୋଇଛି। ସୋମବାର ରାତ୍ରି ପ୍ରାୟ ୧ଟା ସମୟରେ ସପରିବାର ଅପେରା ଦେଖିବାକୁ ଯାଇଥିଲେ। ଭୋର ୫ଟା ସମୟରେ ଘରକୁ ଫେରି ଘରର ଦ୍ୱିତୀୟ କବାଟ ତାଲା ଭଙ୍ଗାଥିବା ଦେଖିଥିଲେ।

### ମୃତକଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା

ଦିଗପହଣ୍ଡି(ଅଶେଷ ନାଥ ମିଶ୍ର), ୨୭।୬: ଦିଗପହଣ୍ଡି ଖେମୁଣ୍ଡି କଲେଜ ନିକଟରେ ଘଟିଥିବା ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୧୧ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ମଙ୍ଗଳବାର ସନ୍ଧ୍ୟାରେ ସାମୁହିକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ନ୍ୟାସନାଲ କମ୍ପ୍ୟୁଟର ଏକାଡ଼େମୀ ତରଫରୁ କ୍ୟାଣ୍ଡେଲ ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ଦିଗପହଣ୍ଡିର ମା' ବୁଢ଼ୀ ଠାକୁରାଣୀ ଓ ଶ୍ରୀ ଜଗନ୍ନାଥଙ୍କ ମାଉସୀ ମା' ମନ୍ଦିର ସମ୍ମୁଖରେ ଦୀପଦାନ କରାଯାଇଥିଲା।

### ଆଇନ ସଚେତନତା ଶିବିର

ବେଗୁନିଆପଡ଼ା,୨୭।୬(ସୁଶାନ୍ତ ପଟ୍ଟନାୟକ)-କୋଦଳା ତାଲୁକା ଲିଗାଲ୍ ସର୍ଭିସେସ୍ କମିଟି ପକ୍ଷରୁ ସ୍ୱର୍ଣ୍ଣମୟୀ ହାଇସ୍କୁଲରେ ମଙ୍ଗଳବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଚେତନତା ଶିବିରରେ କୋଦଳା ଅତିରିକ୍ତ ଜିଲା ଦୌରାଜଜ୍ ଚିନ୍ମୟ ଗଛାୟତ, ସବ୍ ଜଜ କୋର୍ଟ ବିଚାରପତି ବର୍ଣ୍ଣାଳୀ ତ୍ରିପାଠୀ, ଜେଏମ୍ଏଫ୍ସି ଜଜ୍ ବିମଳ ଲକ୍ଷ୍ମୀ ଚୌଧୁରୀ ଯୋଗ ଦେଇ ପିଲାମାନଙ୍କୁ ବାଳ ଅପରାଧ, ପୋକ୍ସୋ ଆଇନ ସଂପର୍କରେ ସଚେତନତାର ପାଠ ପଢ଼ାଇଥିଲେ।

### ଆଇନଜୀବୀଙ୍କ ବିୟୋଗରେ ଶୋକ

ଖଲ୍ଲିକୋଟ(ପ୍ରଶାନ୍ତ ମିଶ୍ର),୨୭।୬- ଖଲ୍ଲିକୋଟ ବାର ପରିସରରେ ବାର ସଭାପତି ରାଜେନ୍ଦ୍ର ରଥଙ୍କ ପୌରହିତ୍ୟରେ ଶୋକ ସଭା ହୋଇଯାଇଛି। ବରିଷ୍ଠ ଆଇନଜୀବୀ ସୁବାଷ ମହାପାତ୍ରଙ୍କ ଦେହାନ୍ତରେ ବହୁ ଓକିଲ ଉପସ୍ଥିତ ରହି ଦୁଃଖ ପ୍ରକାଶ କରିଥିଲେ। ଏବଂ ତାଙ୍କର ସ୍ମୃତି ଚାରଣ କରିଥିଲେ। ଏହି ଶୋକସଭାରେ ଏଡିଜେ ଆଶୁତୋଷ ଦାଶ, ସବଜଜ୍ ଏବଂ ଜେଏମଏଫସିଙ୍କ ସମେତ ବାର ସମ୍ପାଦକ ଜୟ ରାମ ଦାଶ, ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ପଣ୍ଡା, ହରିଶ ବେହେରା ଏବଂ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

### ଦୀନ ଦୟାଲ ଉପାଧ୍ୟାୟ କୌଶଳ ତାଲିମ ଶିବିର

ଶେରଗଡ (ସୂର୍ଯ୍ୟ ନାରାୟଣ ଦାଶ), ୨୭।୬: ଶେରଗଡ ମିଶନ ଶକ୍ତି ପକ୍ଷରୁ ମଙ୍ଗଳବାର ଏକ ତାଲିମ ଓ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଦୀନ ଦୟାଲ ଉପାଧ୍ୟାୟ କୌଶଳ ଯୋଜନାରେ ଗ୍ରାମାଞ୍ଚଳର ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ଆତ୍ମ ନିଯୁକ୍ତି ଓ ନିଯୁକ୍ତି ଦେବା ଲକ୍ଷ୍ୟ ବୋଲି ବିଭିନ୍ନ କଂପାନୀର କର୍ମକର୍ତ୍ତାମାନେ ବିଭିନ୍ନ ପରାମର୍ଶ ଦେଇଥିଲେ। ମହାତ୍ମା ଗାନ୍ଧୀ ଜାତୀୟ ଫେଲୋସିପର ମନିଷ କୁମାର, ଓରମାସର ରାଜେନ୍ଦ୍ର ପଟ୍ଟନାୟକ ଯୋଗଦେଇ ଉପସ୍ଥିତ ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ଓ ଆତ୍ମନିଯୁକ୍ତି ପରାମର୍ଶ ମାନ ପ୍ରଦାନ କରିଥିଲେ। ଶିବିରରେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ବିଡିଓ ଶିବାଶିଷ ବରାଳ, ବନିତା ସାହୁ ଯୋଗଦେଇଥିଲେ।

# ମୁଖ୍ୟ ଷଡ଼ଯନ୍ତ୍ରକାରୀ ସମେତ ୪ କୋର୍ଟ ଚାଲାଣ

**ଆଖିରେ ଲଙ୍କାଗୁଣ୍ଡ ଫିଙ୍ଗି ଲୁଟ୍ ଘଟଣା**

ଗୋପାଳପୁର(ନବୀନ ରାଜ ଆଚାରୀ),୨୭।୬ :

ଗଞ୍ଜାମ ଜିଲା ୧୬ନଂ ଜାତୀୟ ରାଜପଥରେ ଗତ ୨୪ ତାରିଖ ଦିନ ବ୍ୟବସାୟୀଙ୍କୁ ଲଙ୍କାଗୁଣ୍ଡ ଫିଙ୍ଗି ମରଣାନ୍ତକ ଆକ୍ରମଣ କରି ଲୁଟ ହୋଇଥିଲା। ଗୋଳନ୍ଥରା ଥାନା ପୋଲିସ ମଙ୍ଗଳବାର ଏହି ଘଟଣାର ଫର୍ଦ୍ଦାଫାଶ କରିଛି। ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କ ସମେତ ୪ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ମୁଖ୍ୟ ଷଡଯନ୍ତ୍ରକାରୀ ପଞ୍ଚମା ଗ୍ରାମର ପିଣ୍ଟୁ ନାହାକ(୧୮), ବ୍ରହ୍ମପୁର ଫାଷ୍ଟ ଗେଟ ଅଞ୍ଚଳର କାଳିଆ ସାହୁ (୨୦), ଚାଞ୍ଚଡାପୁଲୀ ଗ୍ରାମର ଅଜୟ ଲେଙ୍କା (୨୩) ଓ ଆମ୍ବଗଡ଼ ଅଞ୍ଚଳର ରୁଦ୍ର ଡାକୁଆ (୧୮) ବୋଲି ପୋଲିସ ସୂଚନା ଦେଇଛି। ସେମାନଙ୍କ ଠାରୁ ଦୁଇଟି ନମ୍ବର ବିହୀନ ବାଇକ, ଗୋଟିଏ ନମ୍ବର ବିହୀନ ସ୍କୁଟି, ତିନୋଟି ଜୀବନ୍ତ ବୋମା, ଦୁଇଟି ଖଣ୍ଡା ଓ ୮ ହାଜର ଟଙ୍କା ଜବତ କରାଯାଇଛି। ଅନ୍ୟ ଦୁଇ ଅଭିଯୁକ୍ତ ଫେରାର ଥିବା ପୋଲିସ ସୂଚନା ଦେଇଛି। ଅଭିଯୁକ୍ତମାନେ ପୁରୀରେ ଥିବା ଖବର ପାଇ ଆଇପିଏସ ପ୍ରୋବେସନ ଅଙ୍କିତ କୁମାର ବର୍ମାଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ ସୋମବାର ସେଠାରେ ଚଢ଼ାଉ କରି ରୁଦ୍ର, କାଳିଆ, ଅଜୟ ପିଣ୍ଟୁଙ୍କୁ କାବୁ କରିଥିଲେ। ସୂଚନାନୁସାରେ ଏହି ଥାନା ଅନ୍ତର୍ଗତ କନିଷି ହାଟ ଗୁଣ୍ଡିଚା ନଗରର କୁନାଚନ୍ଦ୍ର ଖଟୁଆ ଅଟୋ ନଗରରେ ଏକ ଟୁକୁରା ଲୁହା ଦୋକାନ କରି ବ୍ୟବସାୟ କରୁଥିଲେ। ଗତ ଶନିବାର ମଧ୍ୟାହ୍ନରେ କୁନା ନିଜ ବାଇକ ଯୋଗେ ମା'ଙ୍କ ଅସ୍ତ୍ରୋପଚାର ପାଇଁ ୩ ଲକ୍ଷ ଟଙ୍କା ଧରି ଆସୁଥିଲେ। ଅଟୋ ନଗର ଓଭରବ୍ରିଜ ତଳେ ହଠାତ ୩ ଜଣ ଏକ ବାଇକରେ ଆସି ତାଙ୍କ ସମ୍ମୁଖକୁ ଅଟକାଇଥିଲେ। ପରେ କୁନାଙ୍କ ମୁହଁରେ ଲଙ୍କା ଗୁଣ୍ଡା ଫିଙ୍ଗି ଦୁର୍ବୃତ୍ତ ମାନେ ଖଣ୍ଡାରେ ଆକ୍ରମଣ କରି ତିନି ଲକ୍ଷ ଟଙ୍କା ଧରି ଚମ୍ପଟ ମାରିଥିଲେ। ଜାତୀୟ ରାଜପଥ ଆମ୍ବୁଲାନ୍ସରେ କୁନାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଖବର ପାଇ ଥାନାଧିକାରୀ ଆଇପିଏସ୍ ପ୍ରୋବେସନ ଅଙ୍କିତ କୁମାର ବର୍ମା, ଇନ୍ସପେକ୍ଟର ବିବେକାନନ୍ଦ ମହନ୍ତ ଓ ଅନ୍ୟ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଥାନା କେଶ ନଂ ୨୮୪/୨୩ରେ ପୋଲିସ ମାମଲା ରୁଜୁ କରିଛି। ଅନ୍ୟପଟେ ଗୋଳନ୍ଥରା ଥାନାଧିକାରୀ ମହନ୍ତଙ୍କ ନେତୃତ୍ୱରେ ଏକ ଟିମ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଅଜୟଙ୍କ ନାମରେ ଦିଗପହଣ୍ଡି ଥାନାରେ ୩ଟି, ସଦର ଥାନାରେ ୫ଟି ମାମଲା ରହିଛି। କାଳିଆଙ୍କ ନାମରେ ବ୍ରହ୍ମପୁର ଟାଉନ ଥାନାରେ ଦୁଇଟି, ପିଣ୍ଟୁଙ୍କ ନାମରେ ଗୋଳନ୍ଥରା ଥାନାରେ ତିନୋଟି ମାମଲା ରହିଛି ବୋଲି ପୋଲିସ ସୂଚନା ଦେଇଛି।



ଗିରଫ ଅଭିଯୁକ୍ତ ସହ ଜବତ ବାଇକ ଓ ସ୍କୁଟି।

## ଇକୋ ପାର୍କ ପରିସରରେ କଟେଜ ନିର୍ମାଣ ଦାବି

ଜି.ଉଦୟଗିରି,୨୭।୬(ପି ସଞ୍ଜୀବ କୁମାର ପାତ୍ର)

କନ୍ଧମାଳ ଜିଲାରେ ଇକୋ ପାର୍କ, କାଲିଗାଦୁ ହିଲ୍ ପାହାଡ଼, କଫି ବଗିଚା ପର୍ଯ୍ୟଟକଙ୍କୁ ଆକର୍ଷଣ କରୁଥିବାରୁ ପାର୍କ ପରିସରରେ ଏକ କଟେଜ ନିର୍ମାଣ କରିବାକୁ ଦାବି ହୋଇଛି। ତତ୍କାଳୀନ ପୌରାଧ୍ୟକ୍ଷ ପି ସଞ୍ଜୀବ କୁମାର ପାତ୍ର ତତ୍କାଳୀନ ଜଙ୍ଗଲ ପରିବେଶ ଓ ଜଳ ବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଏକ ଇକୋ ପାର୍କ ନିର୍ମାଣ ପାଇଁ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯିବା ପରେ ଭିତ୍ତି ପ୍ରସ୍ତର ସ୍ଥାପନ ହେବାର ଠିକ୍ ଏକ ବର୍ଷ ମଧ୍ୟରେ ଲୋକାର୍ପିତ ହେଲା ଇକୋ ପାର୍କ। ଏଠାରୁ କାଲିଗାଦୁ ହିଲ୍ ପାହାଡ଼, କଫି ବଗିଚା ଆଦି ପର୍ଯ୍ୟଟକଙ୍କୁ ଆକର୍ଷଣ କରୁଥିବା ବେଳେ ଅଞ୍ଚଳବାସୀ ଏଠାରେ ଏକ କଟେଜ ନିର୍ମାଣ କଲେ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ଏଠାରେ ରହି ଆଖପାଖରେ ଥିବା ପଟାନିକାଲ ବଗିଚା, କଳିଙ୍ଗା ଘାଟିର ପ୍ରାକୃତିକ ଦୃଶ୍ୟ, ରାଯାଗାଦା ଜଳ ପ୍ରପାତ ଭଳି ଆଖପାଖର ବହୁ ମନୋରମା ଦୃଶ୍ୟ ଉପଭୋଗ କରିପାରିବେ। ତେଣୁ ଦୀର୍ଘ ଦିନର ପାର୍କ ପରିସରରେ କଟେଜ ନିର୍ମାଣ ପାଇଁ ଦାବି ଅଞ୍ଚଳବାସୀଙ୍କ ତରଫରୁ ଜୋର ଧରିଥିବା ବେଳେ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଅଞ୍ଚଳବସୀ ପକ୍ଷରୁ ଦୃଢ଼ ଦାବି ହେଉଛି।

## ଦାବି ପୂରଣ ନ ହେଲେ ୧୦ରୁ ଛୁଟିରେ ଯିବେ ବନ କର୍ମଚାରୀ

ଛତ୍ରପୁର(ସନ୍ତୋଷ ପାଢୀ),୨୭।୬:

ଓଡିଶା ଅଣ-ଗେଜେଟେଡ୍ ବନ ସେବା ସଂଘ ପକ୍ଷରୁ ୫ ଦଫା ଦାବି ନେଇ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଂଜାମ ଜିଲାପାଳଙ୍କୁ ଛତ୍ରପୁର ଠାରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବି ଗୁଡିକ ୮ ତାରିଖ ସୁଦ୍ଧା ପୂରଣ କରାନଗଲେ ଆସନ୍ତା ୧୦ ତାରିଖରୁ ସମସ୍ତ ଡେପୁଟି ରେଞ୍ଜର, ଫରେଷ୍ଟର, ଫରେଷ୍ଟ ଗାର୍ଡ ମାନେ ସମୂହ ଛୁଟିରେ ଯିବେ । ଏଥିସହ ଭୁବନେଶ୍ୱରସ୍ଥିତ ପିଏମଜିଛକ ଠାରେ ଧାରଣାରେ ବସିବେ ବୋଲି ସଂଘ ପକ୍ଷରୁ ଲିଖିତ ଭାବେ ଜଣାଯାଇଛି । ଦାବିଗୁଡିକ ମଧ୍ୟରେ ୫୦ ଟି ସ୍ଥାନରେ ସ୍ୱତନ୍ତ୍ର ଷ୍ଟ୍ରାଇକିଂ ଫୋର୍ସ ଗଠନ, ଫିଲ୍ଡ ଫରେଷ୍ଟ ଅଫିସରଙ୍କ ପାଇଁ ସ୍ୱତନ୍ତ୍ର କଲ୍ୟାଣ ପାଣ୍ଠି, ସର୍କଲର ଏକୀକରଣ, ପର୍ଯ୍ୟାପ୍ତ ସଂଖ୍ୟା ସହ ରେଞ୍ଜ, ବିଭାଗ ଏବଂ ବିଟ୍ କ୍ଷେତ୍ରର ସଂଶୋଧନ, ତେଲେଙ୍ଗାନା ରାଜ୍ୟ ଭଳି ମୃତ ବନ କର୍ମଚାରୀଙ୍କ ପାଇଁ ଏକ୍ସଗ୍ରାସିଆର ବ୍ୟବସ୍ଥା ରହିଛି ।



ସ୍ମାରକପତ୍ର ଦେଇ ଫେରୁଛନ୍ତି।

## ବାଇକ ଆରୋହୀଙ୍କୁ ଖଣ୍ଡାରେ ଆକ୍ରମଣ

ଗୋପାଳପୁର(ନବୀନ ରାଜ ଆଚାରୀ),୨୭।୬:

ଗୋଳନ୍ଥରା ଥାନା ଅଞ୍ଚଳରେ ସୋମବାର ରାତିରେ ଜନୈକ ସ୍କୁଟି ଆରୋହୀଙ୍କୁ ଦୁର୍ବୃତ୍ତମାନେ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିବା ଥାନା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରିଛି। ସୂଚନା ଅନୁସାରେ ସୋରଳ ଗ୍ରାମର ଦୀନବନ୍ଧୁ ଓଡ଼ିଆ ଓ ମଦନ ମୋହନ ନାୟକ ସୋମବାର ଧାନ ଘର ଯାଇଥିଲେ। ରାତିରେ ମୋହନ ଓ ଦୀନବନ୍ଧୁ ସ୍କୁଟି ଯୋଗେ ପିତାତଳି ରାସ୍ତା ଦେଇ ଗ୍ରାମକୁ ଆସୁଥିବା ବେଳେ ରାମଚନ୍ଦ୍ରପୁର କୁକୁଡା ଫାର୍ମ ନିକଟରେ ହଠାତ ଏକ ବାଇକରେ ଦୁଇ ଜଣ ଦୁର୍ବୃତ୍ତ ପଛଆଡୁ ଆସି ଦୀନବନ୍ଧୁଙ୍କୁ ଅଟକାଇ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ। ମଦନ ମୋହନ ପ୍ରତିବାଦ କରିବାରୁ ଦୁର୍ବୃତମାନେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଖବର ପାଇ ଗୋଳନ୍ଥରା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୀନବନ୍ଧୁଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତି କରିଥିଲେ। ଦିନବନ୍ଧୁ ଅବସ୍ଥା ଗୁରୁତର ରହିଥିବା ଜଣାପଡିଛି। ଏ ନେଇ ମଦନ ମୋହନ ନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା କେଶ ନଂ ୨୮୮/୨୩ ପ୍ରକାରେ ପୋଲିସ ମାମଲା ରୁଜୁ କରିଛି।

## ଶେଷରେ ବିଦ୍ୟାଳୟ ପଶ୍ଚିମ ପାର୍ଶ୍ୱ ଫାଟକ ଖୋଲିଲା



ପଶ୍ଚିମପାର୍ଶ୍ୱ ଫାଟକ ପଟେ ପିଲାମାନେ ସ୍କୁଲ ଯାଉଛନ୍ତି।

ଖଣ୍ଡପଡ଼ା,୨୭।୬
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ନୋଡାଲ ବିଦ୍ୟାପୀଠର ପଶ୍ଚିମ ପାର୍ଶ୍ୱ ମାଘମେଳା ପଡ଼ିଆ ନିକଟ ବନ୍ଦ ରହୁଥିବା ଫାଟକକୁ କୋମଳମତି ଛାତ୍ରମାନଙ୍କ ସୁରକ୍ଷା ଦୃଷ୍ଟିରୁ ଖୋଲିବା ପାଇଁ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅନୁରୋଧ କରାଯାଇଥିଲା । ଅଭିଭାବକଙ୍କ ଅନୁରୋଧ ସତ୍ତ୍ୱେ କର୍ତ୍ତୃପକ୍ଷ ସେଥିପ୍ରତି ଦୃଷ୍ଟି ଦେଇ ନ ଥିଲେ । ଫଳରେ 'ପିଲାଙ୍କ ସୁରକ୍ଷା ପାଇଁ ବିଦ୍ୟାଳୟ ପଶ୍ଚିମ ପାର୍ଶ୍ୱ ଫାଟକ ଖୋଲୁ' ଶୀର୍ଷକ ଏକ ଖବର ମଙ୍ଗଳବାର ଧରିତ୍ରୀରେ ପ୍ରକାଶ ପାଇଥିଲା । ଏହି ଖବର ପ୍ରକାଶ ପାଇବା ପରେ ତଥା ପ୍ରଧାନଶିକ୍ଷକଙ୍କ କହିବାନୁଯାୟୀ ମଙ୍ଗଳବାର ସେହି ଫାଟକକୁ ପିଲାମାନଙ୍କ ପ୍ରବେଶ,ପ୍ରସ୍ଥାନ ପାଇଁ ଖୋଲାଯାଇଛି । ଏ ନେଇ ଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି ।

ଉକ୍ତ ସ୍କୁଲରେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୩ଶହ ଛାତ୍ର ଅଧ୍ୟୟନ କରୁଛନ୍ତି । ପଶ୍ଚିମପାର୍ଶ୍ୱ ଫାଟକ ବନ୍ଦ ରହିଥିବାରୁ ଅଧିକାଂଶ ସମୟରେ ଛୋଟ ଛୋଟ ପିଲାମାନେ ଉକ୍ତ ଲୁହା ଗେଟରେ ଚଢ଼ି ବିଦ୍ୟାଳୟ ପରିସରକୁ ଯାଉଥିବା ବେଳେ କୋମଳମତି ଛାତ୍ରମାନେ ମୁଖ୍ୟ ରାଜପଥ ପାର୍ଶ୍ୱ ତଥା ବିଦ୍ୟାଳୟର ଦକ୍ଷିଣ ପାର୍ଶ୍ୱ ଫାଟକ ଦେଇ ବିଦ୍ୟାଳୟକୁ ଯାଇଥାନ୍ତି । କଣ୍ଟିଲୋ- ଫତେଗଡ଼ ରାଜ୍ୟ ରାଜପଥ ଦେଇ ପ୍ରତ୍ୟହ ଶତାଧିକ ଭାରିଯାନ, ଯାତ୍ରୀବାହୀ ବସ୍, ବାଲି ବୋଝେଇ ହାଇୱା ସହ ବହୁ ସଂଖ୍ୟକ ଯାନବାହନ ଚଳାଚଳ କରୁଛି । ତେବେ ଉକ୍ତ ରାସ୍ତା ଦେଇ ବିଦ୍ୟାଳୟକୁ ଯାତାୟାତ କରୁଥିବା କୋମଳମତି ଛାତ୍ରମାନଙ୍କ ଅସାବଧାନତା ହେଉ ଅବା ଗାଡ଼ି ଚାଳକଙ୍କ ଖାମଖିଆଲି ଯୋଗୁ ଦୁର୍ଘଟଣାର ସମ୍ଭାବନା ରହିଛି । ସେଥିପାଇଁ ଅନେକ ଛାତ୍ର, ଅଭିଭାବକ ବିଦ୍ୟାଳୟ ପଶ୍ଚିମପାର୍ଶ୍ୱ ଫାଟକ ଖୋଲିବା ପାଇଁ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

## ଗଞ୍ଜାମରେ ପରିବା ଦର ଆକାଶଛୁଆଁ



ପରିବା ବ୍ୟବସାୟୀ।

ଗଞ୍ଜାମ,୨୭।୬(ବିଦ୍ୟାଧର ସାହୁ)

- ଟମାଟୋ କିଲୋ ୧୦୦ ଟପିଲା
- ଶୀତଳ ଭଣ୍ଡାର ନ ଥିବାରୁ ସମସ୍ୟା

ଗତ କିଛିଦିନ ହେବ ଗଞ୍ଜାମ ସହରରେ ପନିପରିବା ଦର ବୃଦ୍ଧି ହେବାରେ ଲାଗିଛି; ଯାହାକୁ ନେଇ ଗରିବ ଖଟିଖିଆ ଜନସାଧାରଣଙ୍କ ମୁଣ୍ଡରେ ଚଡ଼କ ପଡିଛି। ବର୍ତ୍ତମାନ ଟମାଟୋ କିଲୋ ପିଛା ୧୦୦ ଟପିଥିବା ବେଳେ ପୋଟଳ, କାଙ୍କଡ଼, ମୁନିକା ଓ ଫୁଲକୋବି କିଲୋ ୮୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ବାଇଗଣ, ଭେଣ୍ଡି ୫୦ ଟଙ୍କା, କୁନ୍ଦୁରି ଦର ମଧ୍ୟ ଅହେତୁକ ବୃଦ୍ଧି ଘଟିଛି। ଏପରି କି କଞ୍ଚା ଲଙ୍କା କିଲୋ ପିଛା ୨୦୦ ଟଙ୍କାରେ ବିକ୍ରି ହେଉଥିବା କହିଛନ୍ତି ବଡ ବଜାର ପରିବା ବ୍ୟବସାୟୀ ବଳିଆ ପଲାଇ। ଗଞ୍ଜାମ ବ୍ଲକ ଅଞ୍ଚଳରେ ଶୀତଳ ଭଣ୍ଡାରଟିଏ ନାହିଁ। ଫଳରେ ସମସ୍ୟା ବଢୁଥିବା ଚାଷୀ ଅଭିଯୋଗ କରିଛନ୍ତି। ଅତ୍ୟଧିକ ଖରା କିମ୍ବା ବର୍ଷା ହେଲେ ଶୀତଳ ଭଣ୍ଡାର ଆବଶ୍ୟକ ପଡୁଥିବା ବେଳେ ଏଠାରେ ନ ଥିବା ଯୋଗୁ ଅଧିକାଂଶ ଚାଷୀ ଚାଷ କାର୍ଯ୍ୟରୁ ମୁହଁ ଫେରାଉଛନ୍ତି। ଗତ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଗଞ୍ଜାମ ବ୍ଲକ ଅଞ୍ଚଳରେ ବ୍ୟାପକ ଫସଲ କ୍ଷତି ହୋଇଥିଲା। ଏଥିପାଇଁ ପନିପରିବା ଦର ଆକାଶଛୁଆଁ ହୋଇଯାଇଥିଲା। ଆଗକୁ ଶ୍ରାବଣ ମାସ ତେଣୁ ଏହି ଦର ଆହୁରି ବଢ଼ିବା ସମ୍ଭାବନା ରହିଛି ବୋଲି ବ୍ୟବସାୟୀ କହିଛନ୍ତି। ତିନିଶହ ଟଙ୍କାର ପରିବା କିଣିଲେ ମଧ୍ୟ ବ୍ୟାଗ ଭର୍ତ୍ତି ହେଉନାହିଁ ବୋଲି ପୂର୍ଣ୍ଣଚନ୍ଦ୍ର ପଲାଇ କହିଛନ୍ତି।

## ଅଗ୍ନି ବିପନ୍ନଙ୍କୁ ସହାୟତା

ଆସିକା,୨୭।୬(ସୁରେନ୍ଦ୍ର ନାଥ ସାହୁ)

ଆସିକା ଏନ୍ଏସିର ୮ ନମ୍ବର ୱାର୍ଡ ସୁନାମ୍ବ ସାହି ଅବସବର୍ଣ୍ଣ ବସ୍ତିରେ ମଙ୍ଗଳବାର ଭୋରରୁ ଅଗ୍ନିକାଣ୍ଡ ଘଟି ଅମର ଦାସ ଓ ନମିତା ଦାସଙ୍କ ତିନୋଟି ବଖରା ଜଳିଯାଥିଲା। ଅପରାହ୍ନରେ ଆସିକା ଏନ୍ଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, ଏମ୍ପି ପ୍ରତିନିଧି ସତ୍ୟନାରାୟଣ ସ୍ୱାଇଁ ବିପନ୍ନଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ସାନ୍ତ୍ୱନା ଦେବା ସହ କିଛି ଖାଉଟି ଦ୍ରବ୍ୟ ଓ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ବିପନ୍ନ ପରିବାରଙ୍କୁ ଆଗାମୀ ଦିନରେ ସରକାରୀ ଯୋଜନାରେ ପକାଘର ଯୋଗାଇବା ପାଇଁ ଏନ୍ଏସି ଅଧ୍ୟକ୍ଷା ସ୍ୱାଇଁ ପ୍ରତିଶ୍ରୁତି ଦେଇଥିଲେ।

## ରଥ ନିକଟରେ ପରିଶ୍ରା କରିବା ମହଙ୍ଗା ପଡିଲା

**ନୟାଗଡ଼, ୨୭।୬ (ଲୋକନାଥ ମିଶ୍ର)/ରଣପୁର,(ସୁକାନ୍ତ କିଶୋର ଡାକୁଆ):** ଓଡିଶାର ୨ୟ ଶ୍ରୀକ୍ଷେତ୍ର କୁହାଯାଉଥିବା ରଣପୁର ରଥର ପଛପାଖରେ ଜଣେ ସେବାୟତ ପରିଶ୍ରା କରିବା ମହଙ୍ଗା ପଡିଛି । ରଣପୁର ସହର ପାଟରାସାହିର ସେବାୟତ ପ୍ରସନ୍ନ କୁମାର ନନ୍ଦଙ୍କୁ ମନ୍ଦିରର ନୀତିକାନ୍ତି ୬ମାସ ଯାଏଁ ନ କରିବା ପାଇଁ ବାରଣ କରି କାର୍ଯ୍ୟରୁ ନିଲମ୍ବିତ କରାଯାଇଛି । ସେବାୟତଙ୍କ ଦାୟିତ୍ୱହୀନ କାର୍ଯ୍ୟକୁ ମନ୍ଦିର ପ୍ରଶାସନ ପକ୍ଷରୁ ନିନ୍ଦା କରାଯାଇଛି।

**ନିଲମ୍ବିତ ହେଲେ ସେବାୟତ**

ଅନ୍ୟପକ୍ଷେ ମନ୍ଦିର ପ୍ରଶାସନର ନିର୍ଦ୍ଦେଶକୁ ଅଣଦେଖା କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରଣପୁର ତହସିଲଦାର ତଥା ଦେବୋତ୍ତର ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ, ସେବାୟତ ପ୍ରସନ୍ନ ରଥ ରଥଯାତ୍ରା ସମୟରେ ରଥ ପଛ ପାଖରେ ଠିଆ ହୋଇ ପରିଶ୍ରା କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା ।

## ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

ରମ୍ଭା,୨୭।୬( ବନବାସୀ ସେଠୀ)

ସ୍ଥାନୀୟ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ଡ଼ଃ ରଞ୍ଜନ କୁମାର ଦାଶ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ପ୍ରସାଦ ରାଓ ପୃଷ୍ଟି ଅଧ୍ୟକ୍ଷ ରହିଥିଲେ। ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ କାର୍ଯ୍ୟାଳୟ ପରିସରରେ ଡ଼ଃ ରଞ୍ଜନ କୁମାର ଦାଶଙ୍କୁ ପୂର୍ବତନ ଅଧ୍ୟକ୍ଷ ପ୍ରସାଦ ରାଓ ପୃଷ୍ଟି ଏବଂ ଅଧ୍ୟାପିକା ଅଧ୍ୟାପକ ଫୁଲତୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ମହାବିଦ୍ୟାଳୟର କର୍ମରତ କର୍ମଚାରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ହେଲେନ୍ କେଲରଙ୍କ ଜନ୍ମ ଦିବସ ପାଳିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଆର.ଉଦୟଗିରି,୨୭।୬(ମନୋଜ କୁମାର ପାଢୀ)

ମୋହନାଠାରେ ଥିବା ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ଦୃଷ୍ଟିହୀନ, ବଧିର, ମାନସିକ ଅନଗ୍ରସର ଓ ମସ୍ତିଷ୍କ ପକ୍ଷାଘାତ ବିଦ୍ୟାଳୟରେ ହେଲେନ କେଲରଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି। ଏଠାରେ ଅନୁଷ୍ଠାନର ସମ୍ପାଦକ ଦଣ୍ଡାସି ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ମଧୁସୂଦନ ପାଢୀ, ମୁଖ୍ୟବକ୍ତା ଭାବେ ପ୍ରଶାନ୍ତ ବୀର ମଞ୍ଚାସୀନ ଥିଲେ। ଅଧ୍ୟକ୍ଷ ଦାମୋଦର ଦାସ ଓ ଭାଇସ ପ୍ରିନ୍ସିପାଲ ନିରୋଜା କୁମାରୀ ବେହେରା ସଭା ପରିଚାଳନାରେ ସହଯୋଗ କରିଥିଲେ। ମୁଖ୍ୟବକ୍ତା ବୀର ସାର ହେଲେନ କେଲେରଙ୍କ ଜନ୍ମ ବୃତ୍ତାନ୍ତ ଉପରେ ଆଲୋକପାତ କରିଥିଲେ। ଏହାର ସମସ୍ତ ଦାୟିତ୍ୱ ସହକାରୀ ଶିକ୍ଷକ ଅଶୋକ କୁମାର ଜେନା ନିର୍ବାହ କରିଥିଲେ। ଏଥିରେ ଅନୁଷ୍ଠାନର ସମସ୍ତ ପରିଚାଳନା କମିଟି କର୍ମକର୍ତ୍ତା, କର୍ମଚାରୀ, ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଶେଷରେ ମହେଶ୍ୱର ସାହୁ (ଟିଜିଟି) ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଅନୁଷ୍ଠାନର ସମ୍ପାଦକ ଦଣ୍ଡାସୀ ସାହୁ ସଭା ସାଙ୍ଗ କରିଥିଲେ। ମଙ୍ଗଳବାର ମୋହନା ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦୃଷ୍ଟିହୀନ, ବଧିର, ମାନସିକ ଅନଗ୍ରସର ଓ ମସ୍ତିଷ୍କ ପକ୍ଷାଘାତ ବିଦ୍ୟଳୟକୁ ଗଜପତି ଜିଲାର ମୁଖ୍ୟବିଚାରପତି ଆର ଏନ ବେହେରା ପରିଦର୍ଶନରେ ଆସିଥିଲେ। ତାଙ୍କ ସହିତ ଅଧିନସ୍ଥ କର୍ମଚାରୀ ଆସିଥିଲେ।

## ଶିଶୁ ଶ୍ରମିକ ଉଚ୍ଛେଦ ସଚେତନତା

ପାରଳାଖେମୁଣ୍ଡି
(ଗିରିଧାରୀପରିଚ୍ଛା),୨୭।୬

ସ୍ଥାନୀୟ ଜିଲାପରିଷଦ ସମ୍ମିଳନୀ ସଭାଗୃହରେ ଜିଲ୍ଲାସ୍ତରୀୟ ଶିଶୁ ଶ୍ରମିକ ଉଚ୍ଛେଦ ଓ କିଶୋର ଶ୍ରମିକ ନିରାକରଣ ସଂପର୍କିତ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଗଜପତି ଜିଲା ଶ୍ରମ ଅଧିକାରୀ ଲୋକନାଥ ପଣ୍ଡାଙ୍କ ପରିଚାଳନାରେ ଆୟୋଜିତ ସଭାରେ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଜିଲା ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ଅଶ୍ୱିନି କୁମାର ମହାପାତ୍ର, ଡିଏସପି, ଡିଆଇବି ଶ୍ରୀନିବାସ ଆଚାର୍ଯ୍ୟ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଗଜପତି ଜିଲାରେ ଶିଶୁ ସୁରକ୍ଷା ୟୁନିଟ, ଚାଇଲ୍ଡ ଲାଇନ, ଶିଶୁ ମଙ୍ଗଳ କମିଟି ଓ ସ୍ଥାନୀୟ ପୋଲିସକୁ ନେଇ କମିଟି ଗଠନ କରାଯାଇଛି। ଏହି କମିଟି ଦ୍ୱାରା ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରାଯାଉଥିବା ଜିଲା ଶ୍ରମ ଅଧିକାରୀ ପଣ୍ଡା ସୂଚନା ଦେଇଛନ୍ତି। ଯଦି କୌଣସି ବ୍ୟକ୍ତି ଶିଶୁ ଶ୍ରମିକ ନିୟୋଜନ କରିଛନ୍ତି ତେବେ ଅବିଳମ୍ବେ ଜିଲା ଶ୍ରମ ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ କିମ୍ବା ଜିଲାପାଳଙ୍କୁ ଅବଗତ କରିବାକୁ ପରାମର୍ଶ ଦିଆଯାଇଥିଲା।

ଆବଶ୍ୟକ ପଡ଼ିଲେ ଶ୍ରମିକ ସହାୟତା ହେଲପଲାଇନ ନମ୍ବର ୧୫୫୩୬୮ଏବଂ ଚାଇଲ୍ଡ ଲାଇନ ନମ୍ବର ୧୦୯୮କୁ ଯୋଗାଯୋଗ କରିବାକୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଶ୍ରମ ଅଧିକାରୀ ସୋମନାଥ ପାତ୍ରଙ୍କ ସମେତ ଚାଇଲଡ ଲାଇନର ସମସ୍ତ ସଦସ୍ୟ, ସଦସ୍ୟା ଓ ବିଭିନ୍ନ ବିଭାଗର ଅଧିକାରୀ ଗଣ ଯୋଗଦେଇଥିଲେ।




ସଚେତନତା ସଭାରେ ଉପସ୍ଥିତ ଅଧିକାରୀ।

# ନ୍ୟାୟ ଦେବାରେ ପୋଲିସ ଟିମ୍ ବିଫଳ

**୮୦ ବର୍ଷୀୟା ବୃଦ୍ଧାଙ୍କୁ ବଳାତ୍କାର ଘଟଣାକୁ ୧୪ଦିନ ବିତିଲା**

- ଥାନା ଘେରାଉ ପାଇଁ ମହିଳା ମହାସଂଘର ଡାକରା
- ପୋଲିସ ବ୍ୟବସ୍ଥା, ତଦନ୍ତ ତରିକା ଉପରୁ ବିଶ୍ୱାସ ତୁଟୁଛି
- ଗିରଫ ଯୁବକଙ୍କୁ ପଚରା ଉଚରା ପରେ ଛାଡ଼ି ଦେଲା ପୋଲିସ

ରାଜନଗର, ୨୭।୬ (ଭାସ୍କର ରାଉତରାୟ)



ଥାନା ଅନୁଷ୍ଠିତ ବୈଠକରେ ସରପଞ୍ଚ, ସମିତିସଭ୍ୟ, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ, ଉପାଧ୍ୟକ୍ଷ ଓ ବୁଦ୍ଧିଜୀବୀମାନେ।

ପ୍ରଥମ ରଜ ଦିନ ଜନୈକା ୮୦ ବର୍ଷୀୟା ବୃଦ୍ଧାଙ୍କୁ ଝିଅ ଘରେ ଛାଡି ଦେବାକୁ କହି ନିଜ ବାଇକ୍‌ରେ ଲିଫ୍ଟ ଦେଇ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାଠାରୁ ମାତ୍ର ୨ଶହ ମିଟର ଦୂରରେ ମଦନପୁର କଟ୍ ପାଖ ତାଳଗଛ ମୂଳେ ଜଣେ ଯୁବକ ଦିନରେ ବଳାତ୍କାର କରିଥିଲେ। ବଳାତ୍କାର କରିଥିବା ଯୁବକ ଜଣକ ଫେରାର ହୋଇଯାଇଥିଲେ ହେଁ ପୋଲିସ ଠାବ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏହି ଘଟଣାଟି ନୂତନ ଥାନା ଅଧିକାରୀଙ୍କୁ ଚ୍ୟାଲେଞ୍ଜ ଏପରି କି ଆହ୍ୱାନ ଦେଇଥିବା ବଳାତ୍କାରୀ ଯୁବକଙ୍କ ବାଇକ୍ କିମ୍ବା ସମ୍ପୃକ୍ତ ଯୁବକଙ୍କୁ ଧରିବା କ୍ଷେତ୍ରରେ କେନ୍ଦ୍ରାପଡ଼ା ଏସ୍‌ପି ମଡକର ସନ୍ଦୀପ ସମ୍ପଦ ୪ଜଣ ପୋଲିସ ଇନ୍ସପେକ୍ଟରଙ୍କୁ ନେଇ ଗଠନ କରିଥିବା ଏକ ଟିମ୍ ୧୪ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରିନାହାନ୍ତି। ଏହାକୁ ନେଇ ପୋଲିସର କର୍ତ୍ତବ୍ୟ ନିଷ୍ଠା ଓ ସାଧୁତା ଉପରେ ପ୍ରଶ୍ନ ଉଠାଯାଇଛି। ପୋଲିସର ତଦନ୍ତ ତରିକାକୁ ମହିଳା ମହାସଂଘ ନାପସନ୍ଦ କରିବା ସହ ଖୁବ୍‌ଶୀଘ୍ର ଥାନା ଘେରାଉ ଓ ରାସ୍ତାରୋକୋ କରାଯିବା ପାଇଁ ଚେତାବନୀ ଦେଇଛି।

ବଳାତ୍କାର କରିଥିବା ଯୁବକଙ୍କ କୌଣସି ଟେର ପାଉ ନ ଥିବା ପୋଲିସ ସୋମବାର ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନରେ ଥିବା ୨୦ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଏବଂ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ ପ୍ରମୁଖଙ୍କୁ ଡାକି ଏକ ବୈଠକ କରିଥିଲେ। ଏଥିରେ ସିସିଟିଭି ଫୁଟେଜରେ ଦୃଶ୍ୟମାନ ହେଉଥିବା ବାଇକ୍ ଓ ଝାପ୍ସା ଦେଖା ଯାଉଥିବା ବଳାତ୍କାରୀ ଯୁବକଙ୍କୁ ଚିହ୍ନଟ ପାଇଁ ସହଯୋଗ ଲୋଡିଛନ୍ତି। ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରିଆଙ୍କ ଆହ୍ୱାନକ୍ରମେ ଥାନା ପରିସରରେ ଡକାଯାଇଥିବା ଏହି ସମ୍ବେଦନଶୀଳ ଘଟଣାକୁ ସରପଞ୍ଚ ଓ ସମିତିସଭ୍ୟମାନେ ଦୃଢ ନିନ୍ଦା କରିବା ସହ ପୋଲିସକୁ ଏ କ୍ଷେତ୍ରରେ ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷରେ ଘଟଣାର ପରଦିନ ଅର୍ଥାତ ରଜ ସଂକ୍ରାନ୍ତୀ ଦିନ ମହିଳା ମହାସଂଘ ପକ୍ଷରୁ ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧିକାରୀ ଅନ୍ତର୍ଯାମୀ ବିଶ୍ୱାଳ, ପରଦିନ ପଟ୍ଟାମୁଣ୍ଡାଇ କଲେଜ ନିକଟରୁ ଗୋଡାଇ ଗୋଡାଇ ବାଇକ୍ ସହ ଏକ ଯୁବକଙ୍କୁ କାବୁ କରି ଥାନାକୁ ଆଣିଥିଲେ। ସେହିଦିନ ପୀଡିତା ବୃଦ୍ଧାଙ୍କ ସମେତ ଦେଖଣାହାରୀଙ୍କୁ ପୋଲିସ କାବୁ କରିଥିବା ଯୁବକଙ୍କୁ ଦେଖାଇଥିଲେ। ଏମାନେ ଯୁବକଙ୍କୁ ଚିହ୍ନଟ କରିଥିଲେ। ପରେ କିନ୍ତୁ ପୋଲିସ ଘଟଣାର ବିଭିନ୍ନ ଦିଗକୁ ତଦନ୍ତ କରି କାବୁ କରିଥିବା ଯୁବକଙ୍କୁ ବେଲବଣ୍ଡରେ ଛାଡ଼ି ଦେଇଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ବିଶ୍ୱାଳ କହିବା କଥା ପୀଡିତାଙ୍କୁ ମଙ୍ଗଳବାର କୋର୍ଟରେ ହାଜର କରି ସେଦିନର ଘଟଣାର ବୟାନ ରେକର୍ଡ କରାଯାଇଛି। ଯେଉଁ ଯୁବକଙ୍କୁ ଆମେ ସନ୍ଦେହରେ କାବୁ କରିବା ସହ ବାଇକ୍ ଜବତ କରିଥିଲୁ ସିସିଟିଭି ଫୁଟେଜରେ ମେଳ ଖାଉ ନ ଥିବାରୁ ଏ ନେଇ ପ୍ରକୃତ ଦୋଷୀକୁ ଚିହ୍ନଟ କରିବାରେ ବିଳମ୍ବ ହେଉଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କ ଆମେ ଧରିବାରେ ସଫଳ ହେବୁ ବୋଲି ସେ କହିଛନ୍ତି।

## ଆଡ଼ପମଣ୍ଡପରେ ଶ୍ରୀଜୀଉଙ୍କ ସନ୍ଧ୍ୟା ଦର୍ଶନ



ଶ୍ରୀ ବଳଦେବଜୀଉ, ଭଉଣୀ ସୁଭଦ୍ରା, ଶ୍ରୀଜଗନ୍ନାଥ ଜୀଉଙ୍କ ନବମୀ ସନ୍ଧ୍ୟା ଦର୍ଶନ ବେଶ।

କେନ୍ଦ୍ରାପଡ଼ା, ୨୭।୬ (ଜଗନ୍ନାଥ ଧଳ)

ଇଚ୍ଛାପୁରସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ତୁଳସୀ କ୍ଷେତ୍ରାଧୀପତି ଶ୍ରୀବଳଦେବଜୀଉଙ୍କ ନବମୀ ସନ୍ଧ୍ୟା ଦର୍ଶନ ମଙ୍ଗଳବାର ହୋଇଛି। ଆଡ଼ପ ମଣ୍ଡପରେ ଏହା ଶେଷ ଦର୍ଶନ ହୋଇଥିବାରୁ ପ୍ରତ୍ୟୁଷରୁ ଶ୍ରଦ୍ଧାଳୁଙ୍କ ଗହଳି ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଧାଡ଼ିରେ ଯାଇ ଶ୍ରଦ୍ଧାଳୁମାନେ ୩ ଠାକୁରଙ୍କୁ ଦର୍ଶନ କରିଥିଲେ। ସନ୍ଧ୍ୟା ଦର୍ଶନ ପାଇଁ ପ୍ରାୟ ୫ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ରୀତିନୀତି ଅନୁଯାୟୀ, ସକାଳ ୬ରେ ଶ୍ରୀଜୀଉଙ୍କ ମଙ୍ଗଳ ଆଳତି ହୋଇଥିଲା। ସାଢେ ୮ଟାରେ ନୀତିସ୍ନାନ, ସାଢେ ୯ଟାରେ ଗୋପାଳବଲ୍ଲଭ ଧୂପ, ଅପରାହ୍ନ ୧ଟାରେ ଖେଚୁଡି ଧୂପ ଓ ସାହାଣ ମେଲା ହୋଇଥିଲା। ଅପରାହ୍ନ ୪ଟାରୁ ୫ଟା ପର୍ଯ୍ୟନ୍ତ ମନ୍ଦିର ବନ୍ଦ ରହିଥିଲା। ସନ୍ଧ୍ୟା ସାଢେ ୬ଟାରେ ଉଠାଣି ଅବକାଶ ହୋଇ ସନ୍ଧ୍ୟା ଆଳତି ସମାପ୍ତ ହୋଇଥିଲା। ଶ୍ରୀଜୀଉଙ୍କ ରୀତିନୀତି ଅନୁଯାୟୀ ରାତ୍ର ୧୧ଟାରେ ବଡ଼ସିଂହାର ବେଶ ହୋଇ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ଉପୁଣି ପିଠା ମଣୋହି ହେବ ବୋଲି ମନ୍ଦିର ସେବାୟତ ଶଶିକାନ୍ତ ସୁଆର ସୂଚନା ଦେଇଛନ୍ତି। ବୁଧବାର ବାହୁଡ଼ା ଦଶମୀ ଅବସରରେ ଶ୍ରୀଜୀଉଙ୍କ ଖେଚୁଡି ଭୋଗ ପରେ ରଥ ଦକ୍ଷିଣ ମୋଡ଼ ହେବ। ବାହୁଡ଼ା ଦ୍ୱାରରେ ସନ୍ଧ୍ୟା ପ୍ରାୟ ୭ଟାରେ ଶ୍ରୀଜୀଉଙ୍କୁ ଧାଡ଼ି ପହଣ୍ଡିରେ ରଥାରୂଢ଼ କରାଯିବ। ଏକାଦଶୀ ତିଥିରେ ଅପରାହ୍ନ ୨ଟାରେ ଶ୍ରୀଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ଟଣା ହେବ ବୋଲି ଦେବୋତ୍ତର ବିଭାଗ ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି।

## ଲୋକାୟୁକ୍ତରେ ମାମଲା

**କୁଆଁରିଆ ସେତୁ ସଂଯୋଗୀକରଣ ରାସ୍ତା ଧସିବା ଘଟଣା**

ଧର୍ମଶାଳା, ୨୭।୬ (ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ନାକପୋଲ-କବାଟବନ୍ଧ ରାସ୍ତାର ଇମାମନଗରସ୍ଥିତ କୁଆଁରିଆ ନାଳରେ ନବନିର୍ମିତ ପୋଲର ସଂଯୋଗୀକରଣ ରାସ୍ତା ଉଦ୍‌ଘାଟନର ୧ମାସ ପରେ ଧସିଯିବା ଘଟଣା ସମ୍ପର୍କରେ ଲୋକାୟୁକ୍ତଙ୍କ ନିକଟରେ ଏକ ମାମଲା ରୁଜୁ ହୋଇଛି। ଏଠାରେ ନିମ୍ନମାନର କାମ ହୋଇଥିବା ଯୋଗୁ ରାସ୍ତାଟି ବାରମ୍ବାର ଫାଟିଯାଉଥିବା ଦର୍ଶାଇ ଧର୍ମଶାଳା ଅଞ୍ଚଳର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ମଙ୍ଗଳବାର ଲୋକାୟୁକ୍ତଙ୍କ ନିକଟରେ ମାମଲ ଦାୟର କରିଥିବା ଜଣାପଡ଼ିଛି।

କୁଆଁରିଆ ନାଳରେ ପୂର୍ତ୍ତ ବିଭାଗ ପକ୍ଷରୁ ଏକ ନୂତନ ପୋଲ ନିର୍ମାଣ ପାଇଁ ୩ କୋଟି ୮୦ ଲକ୍ଷରୁ ଉର୍ଦ୍ଧ ଟଙ୍କା ବ୍ୟବରାଦ କରାଯାଇ ଠିକାଦାରଙ୍କୁ ଟେଣ୍ଡର ମାଧ୍ୟମରେ କାମ ଦିଆଯାଇଥିଲା। ଠିକାଦାର ଅବଧି ସମୟରେ କାମ ନ ସାରି ଦେଢ଼ ବର୍ଷ ବିଳମ୍ବରେ କାମ ସାରିଥିଲେ। ମେ' ୧୮ ତାରିଖରେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ପୋଲକୁ ଉଦ୍‌ଘାଟନ କରିଥିଲେ। ହେଲେ ଠିକାଦାର କାମ ନିମ୍ନମାନର କରିଥିବାରୁ ଉଦ୍‌ଘାଟନର ମାତ୍ର ସପ୍ତାହ ପରେ ପୋଲକୁ ସଂଯୋଗ କରୁଥିବା ରାସ୍ତାରେ ଫାଟ ସୃଷ୍ଟି ହୋଇଥିଲା। ଏହି ଘଟଣା ସାମାଜିକ ଗଣମାଧ୍ୟମରେ ପ୍ରଚାର ହେବା ପରେ ଠିକାଦାର ବାଲି, ସିମେଣ୍ଟ ପକାଇ ଫାଟ ବନ୍ଦ କରିଥିଲେ। ଏବେ ମୌସୁମୀ ବର୍ଷା ଆରମ୍ଭ ହେବା ମାତ୍ରେ ରାସ୍ତାର ସେହି ଭାଗ ପୁଣି ଭୁଶୁଡ଼ି ପଡ଼ିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିବା ସହିତ ନିମ୍ନମାନର କାମ କରିଥିବା ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ବିନା ବିଶେଷଜ୍ଞରେ ଚାଲୁଛି ଆଇସିୟୁ

ଯାଜପୁରଟାଉନ, ୨୭।୬ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):




**ଯାଜପୁର ମୁଖ୍ୟ ଚିକିତ୍ସାଳୟ**

- ଅଧିକାଂଶ ରୋଗୀଙ୍କୁ କଟକ ରେଫର୍ କରାଯାଉଛି

ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ଯାଜପୁର ଜିଲା ବ୍ୟତୀତ ପଡ଼ୋଶୀ କେନ୍ଦ୍ରାପଡ଼ା, ଭଦ୍ରକ ଓ କେନ୍ଦୁଝର ଜିଲାର ଅନେକ ରୋଗୀ ନିର୍ଭର କରୁଛନ୍ତି। ଏଠାକୁ ଦୈନିକ ଶହଶହ ସଂଖ୍ୟକ ରୋଗୀ ଆସୁଥିବାବେଳେ ଅନେକ ବିଭାଗରେ ଡାକ୍ତର ନ ଥିବାରୁ ଅନ୍ୟାନ୍ୟ ବିଭାଗର ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଯାଉଛି। ସେହିପରି ମୁଖ୍ୟ ଚିକିତ୍ସାଳୟରେ ୬ଶଯ୍ୟା ବିଶିଷ୍ଟ ଆଇସିୟୁ ଜାନୁୟାରୀରୁ ଆରମ୍ଭ କରାଯାଇ ରୋଗୀସେବା ପ୍ରଦାନ କରାଯାଇଥିଲେ ମଧ୍ୟ ଅନେକ ବିନା ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚାଲୁଛି। ୨ ଡାକ୍ତରଙ୍କୁ ଆଇସିୟୁ ପ୍ରଶିକ୍ଷଣ ଦିଆଯାଇ ନିଯୁକ୍ତି ଦିଆଯାଇଥିବାବେଳେ ୨ ନର୍ସ ଏଠାରେ କାର୍ଯ୍ୟରତ ଅଛନ୍ତି। ଫଳରେ ଆଇସିୟୁରେ ଗୁରୁତର ରୋଗୀଙ୍କୁ ରଖା ନ ଯାଇ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯିବା ପାଇଁ ବାଧ୍ୟ କରାଯାଉଥିବା ଅଭିଯୋଗ ହୋଇଛି।

ମୁଖ୍ୟ ଚିକିତ୍ସାଳୟର ସୂଚନା ମୁତାବକ, ଜାନୁୟାରୀ ୨୦୨୩ରୁ ଏ ପର୍ଯ୍ୟନ୍ତ ୨୫୮ଜଣ ରୋଗୀ ଆଇସିୟୁରେ ଚିକିତ୍ସିତ ହୋଇଛନ୍ତି। ମାତ୍ର ପ୍ରାଥମିକ ଚିକିତ୍ସା ପରେ ପ୍ରତ୍ୟେକ ଦିନ ଅନେକ ରୋଗୀଙ୍କୁ ଆଇସିୟୁରେ ଭର୍ତ୍ତି କରାଯିବା ବଦଳରେ କଟକ ରେଫର୍ କରିଦିଆଯାଉଛି। ସେଠାରେ ରୋଗୀଙ୍କୁ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଥିବା ବେଳେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ କାହିଁକି ଏହି ରୋଗୀଙ୍କୁ ଆଇସିୟୁରେ ଚିକିତ୍ସା ଯୋଗାଇ ଦିଆଯାଉ ନାହିଁ ଏନେଇ କାହା ପାଖରେ ଉତ୍ତର ନାହିଁ। ଯାଜପୁର ମୁଖ୍ୟ ଚିକିତ୍ସାଳୟରୁ କେତେଜଣ ରୋଗୀଙ୍କୁ କଟକ ସ୍ଥାନାନ୍ତର କରାଯାଇଛି ଏନେଇ ସ୍ୱାସ୍ଥ୍ୟ ବିଭାଗର କୌଣସି ଅଧିକାରୀ ଉତ୍ତର ଦେଉନାହାନ୍ତି। ଆଇସିୟୁ ହେବାପରେ ଅର୍ଥାତ୍ ଜାନୁୟାରୀରୁ ଆଇସିୟୁରେ ଭର୍ତ୍ତି ହେବାପାଇଁ କେତେ ଜଣ ଯୋଗ୍ୟ ରୋଗୀମାନଙ୍କୁ କଟକ ରେଫର୍ କରାଯାଇଛି ଓ କାହିଁକି ରୋଗୀଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟ ଆଇସିୟୁରେ ଚିକିତ୍ସା କରାଯାଉନାହିଁ ଏ ସମ୍ପର୍କରେ ମେଡିକାଲ ମ୍ୟାନେଜର ସୁଶ୍ରୀ ସଂଗୀତା ନାୟକ ଓ ଅତିରିକ୍ତ ଚିକିତ୍ସାଧିକାରୀ ଡା. ଜଗଦିଶ ପ୍ରସାଦ ଦାସଙ୍କୁ ପଚାରିବାରେ ଆମ୍ଭେ ଆଇସିୟୁ ଦାୟିତ୍ୱରେ ନାହୁଁ। ତେଣୁ ଏ ସମ୍ପର୍କରେ କୌଣସି ତଥ୍ୟ ଦେଇପାରିବୁ ନାହିଁ ବୋଲି ଉତ୍ତର ଦେଇଥିଲେ। ଅନ୍ୟପକ୍ଷରେ ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁବାଶିଷ ମହାରଣାଙ୍କୁ ବାରମ୍ବାର ଫୋନ୍ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

## ୧୮ ପଦବୀ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା ହେଲାନି

ଡେରାବିଶ, ୨୭।୬ (ବେବର୍ତ୍ତା ଅଜୟ ଦାସ)

- ଏମ୍‌ବିକେ, ସିଆର୍‌ପି, ବ୍ୟାଙ୍କମିତ୍ର ତାଲିକା ଘୋଷଣା ନେଇ ବିବାଦ
- ବିବାଦରେ ଡେରାବିଶ ବ୍ଲକ ମିଶନଶକ୍ତି

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ମିଶନଶକ୍ତି ପକ୍ଷରୁ ଗତ ମାର୍ଚ୍ଚ ୧ରୁ ବ୍ଲକ ଅଧୀନ କେତେଗୋଟି ପଞ୍ଚାୟତରେ ଏମ୍‌ବିକେ, ସିଆର୍‌ପି ଓ ବ୍ୟାଙ୍କ ମିତ୍ର ପଦବୀ ଚୟନ ନେଇ ବିବାଦ ଲାଗି ରହିଥିବାବେଳେ ସରକାରଙ୍କ ଆଦେଶନାମାକୁ ଉଲ୍ଲଂଘନ କରାଯାଇଛି। ଉପରୋକ୍ତ ପଦବୀ ନିମନ୍ତେ ପ୍ରାର୍ଥୀ ଚୟନ ପ୍ରକ୍ରିୟାରେ ବହୁ ବିଳମ୍ବ ଘଟୁ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି

ପ୍ରାର୍ଥୀଙ୍କ ପାଇଁ ଆଇସିଆର୍‌ପି ଯୋଗ୍ୟତା ପ୍ରମାଣପତ୍ରକୁ ନେଇ ବିଭାଗୀୟ ସଚିବ ଓ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକୁ ଅବମାନନା କରି ବ୍ଲକ ଜୀବିକା ମିଶନ ପକ୍ଷରୁ ପ୍ରଦାନ କରାଯାଇଥିବା ସାର୍ଟିଫିକେଟ୍‌କୁ ପ୍ରଥମେ ଗ୍ରହଣ କରି ବ୍ଲକ ଜୀବିକା ମିଶନ ବିପିଏମ୍ ଓ ମିଶନଶକ୍ତି ବିପିଏମ୍‌ଙ୍କ ସମେତ ବିଏଲ୍‌ଏଫ୍ ମଧ୍ୟ ଗ୍ରହଣ କରିଥିଲେ। ମାତ୍ର ଜିଲା ଅଧିକାରୀଙ୍କ କଡ଼ାକଡ଼ି ନିର୍ଦ୍ଦେଶ ପରେ ପୁନର୍ବାର ଜୀବିକା ମିଶନ ଦ୍ୱାରା ଦିଆଯାଇଥିବା ଏହି ସାର୍ଟିଫିକେଟ୍‌କୁ ବାଦ ଦିଆଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ପ୍ରାର୍ଥୀ ଚୟନ ପାଇଁ ବିଏଲ୍‌ଏଫ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବା ବେଳେ ବ୍ଲକ ଜୀବିକା ମିଶନର ଆଇସିଆର୍‌ପି ସାର୍ଟିଫିକେଟ୍‌କୁ କାର୍ଯ୍ୟକାରୀ କରିବାକୁ ନେଇ ବିଏଲ୍‌ଏଫ୍‌ର କେତେଜଣ କର୍ମକର୍ତ୍ତା ଓ ଆବେଦନକାରୀ ବିଡିଓଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ମଧ୍ୟ ବସିଥିଲେ। ତେବେ ଏଥିରେ କୌଣସି ସୁଫଳ ନ ମିଳିବାରୁ ପରେ ବିଏଲ୍‌ଏଫ୍‌ର ଚୟନକର୍ତ୍ତା ବସି ଜୁନ୍ ୩ରେ ୧୭୦ଟି ପଦବୀ ମଧ୍ୟରୁ ୧୫୨ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଥିଲା। ଘୋଷଣା ପ୍ରାର୍ଥୀଙ୍କ ମଧ୍ୟରେ ୮ ଏମ୍‌ବିକେ, ୧୩୯ ସିଆର୍‌ପି ଓ ୫ ବ୍ୟାଙ୍କ ମିତ୍ରଙ୍କ ନାମ ଚୂଡ଼ାନ୍ତ ହୋଇଛି। ଅବଶିଷ୍ଟ ୧୮ ଜଣ ପ୍ରାର୍ଥୀଙ୍କ ନାମ ଓ ଚୟନ ସମୟରେ ରଖିଥିବା ନମ୍ବର ଜିଲା ପ୍ରଶାସନ ନିକଟକୁ ବିଡିଓ ଏହାର ବିଚାର ପାଇଁ ପଠାଇ ଥିଲେ। ପଠାଯାଇଥିବା ନାମ ତାଲିକାରେ ୪ ଜଣ ଏମ୍‌ବିକେ, ୧୧ ଜଣ ସିଆର୍‌ପି ଓ ୩ ଜଣ ବ୍ୟାଙ୍କ ମିତ୍ର ପ୍ରାର୍ଥୀ ରହିଛନ୍ତି। ତେବେ ଜିଲା ମିଶନ ଶକ୍ତି ଅଧିକାରୀ ଏହି ୧୮ ଜଣଙ୍କ ସମସ୍ତ କାଗଜାତ ଯାଞ୍ଚ କରି ଯେଉଁମାନେ ଯୋଗ୍ୟ ବିବେଚିତ ହୋଇଥିବେ ସେମାନଙ୍କ ନା ଘୋଷଣା କରାଯିବା କଥା। ମାତ୍ର ଇତିମଧ୍ୟରେ ୨୫ ଦିନ ବିତିଯାଇଥିଲେ ମଧ୍ୟ ପଠାଯାଇଥିବା ୧୮ ଜଣଙ୍କ ନାମ ତାଲିକା ଏଯାଏ ଘୋଷଣା କରାଯାଇନାହିଁ। ଯାହାକି ମିଶନଶକ୍ତିର କାର୍ଯ୍ୟଧାରା ଉପରେ ସନ୍ଦେହ ପ୍ରକାଶ କରିଛି। ଏ ସଂକ୍ରାନ୍ତରେ ଜିଲା ମିଶନଶକ୍ତି ଅଧିକାରୀ କୈଳାସ ଚନ୍ଦ୍ର ସେନାପତିଙ୍କୁ ପଚାରିବାରେ ବ୍ଲକ ପକ୍ଷରୁ ତାଙ୍କ ପାଖକୁ ଆସିଥିବା ୧୮ ଜଣଙ୍କ ତାଲିକାରେ କେବଳ ପ୍ରାର୍ଥୀ ପାଇଥିବା ନମ୍ବର ରହିଛି। ମାତ୍ର ସେମାନଙ୍କ ଆବେଦନ ପତ୍ର ଓ ଅନ୍ୟ ପ୍ରମାଣପତ୍ରଗୁଡ଼ିକୁ ପଠାଯାଇ ନାହିଁ। ଫଳରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣାରେ ବିଳମ୍ବ ହେଉଛି। କେବେ ବ୍ଲକ ଏହି ପ୍ରମାଣପତ୍ର ଜିଲା ମିଶନଶକ୍ତି ଅଧିକାରୀଙ୍କ ନିକଟକୁ ପଠାଇବେ ବୋଲି ଜିଲା ମିଶନ ଶକ୍ତି ଅଧିକାରୀଙ୍କୁ ପଚାରିବାରୁ ସେ କହିଲେ ବାରମ୍ବାର ଏହି କାଗଜାତକୁ ପଠାଇବା ପାଇଁ ବିଡିଓଙ୍କୁ କୁହାଯାଉଛି। ସେମାନେ ଏହାକୁ ପଠାଇବାରେ ବିଳମ୍ବ କରୁଛନ୍ତି। ତେବେ ଏ ବିଷୟରେ ବିଏଲ୍‌ଏଫ୍‌ର ସମ୍ପାଦିକା ମନୋରମା ରାଉତଙ୍କୁ ପଚାରିବାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା ସମୟରେ ବିଡିଓଙ୍କୁ ସମସ୍ତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ତେବେ ସେଥିମଧ୍ୟରୁ ବିବାଦୀୟ ଥିବା ୧୮ଟି ପ୍ରାର୍ଥୀଙ୍କ ନାମ ବିଡିଓ ଜିଲାପାଳଙ୍କ ନିକଟକୁ ପଠାଇଛନ୍ତି। ତେବେ ସମ୍ପୃକ୍ତ ପ୍ରାର୍ଥୀଙ୍କ ଆବେଦନ ପତ୍ର ଓ ଏଥିସହ ସେମାନେ ପ୍ରଦାନ କରିଥିବା ଅନ୍ୟ ପ୍ରମାଣପତ୍ର ଜିଲା କାର୍ଯ୍ୟାଳୟଙ୍କୁ ଦେବା ପାଇଁ ବିଡିଓ ବୁଧବାର ନିର୍ଦ୍ଦେଶ ଦେଇଥିବା ସେ କହିଛନ୍ତି। ବିଡିଓ ଦାଶରଥି ଜେନାଙ୍କୁ ପଚାରିବାରେ କେତେକ ତ୍ରୁଟି ଥିବା ୧୮ଟି ପଦବୀର ଚୂଡ଼ାନ୍ତ ନାମ ତାଲିକା ଘୋଷଣା ପାଇଁ ଜିଲାପାଳଙ୍କ ନିକଟକୁ ପଠା ଯାଇଛି। ତେବେ ବିଏଲ୍‌ଏଫ୍‌ର ସଭାନେତ୍ରୀ ଓ ସମ୍ପାଦିକା ଏହି ୧୮ ଜଣଙ୍କ ଆବେଦନପତ୍ର ଓ ଅନ୍ୟ କାଗଜାତ ଦେଇ ନ ଥିବାରୁ ଚିଠି କରାଯାଇଛି। ସେହିପରି ମିଶନଶକ୍ତି ବିପିସି କୈଳାସ ଚନ୍ଦ୍ର ବାରିକଙ୍କୁ ପଚାରିବାରେ ଏମ୍‌ବିକେ, ସିଆର୍‌ପି ଓ ବ୍ୟାଙ୍କ ମିତ୍ରର ଚୟନ ପାଇଁ ସରକାର ବିଏଲ୍‌ଏଫ୍‌କୁ ସମ୍ପୂର୍ଣ୍ଣ ଦାୟିତ୍ୱ ଦେଇଛନ୍ତି। ସେଥିରେ ଆମର କୌଣସି ଭୂମିକା ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଦୀର୍ଘଦିନ ହେବ ମିଶନ ଶକ୍ତି କାର୍ଯ୍ୟାଳୟରେ ଥିବା ବିଏଲ୍‌ଏଫ୍ ପ୍ରକୋଷ୍ଠରେ ତାଲା ଝୁଲୁଛି। ଏ ବିଷୟରେ ବିପିସିଙ୍କୁ ପଚାରିବାରୁ ବିଏଲ୍‌ଏଫ୍ ପ୍ରକୋଷ୍ଠରେ ତାଲା ପଡ଼ିଥିବାରୁ ଏହି ୧୮ ଜଣଙ୍କ କାଗଜାତ ଦେବାରେ ସମସ୍ୟା ସୃଷ୍ଟି ହେଉଛି।




ବିଏଲ୍‌ଏଫ ପ୍ରକୋଷ୍ଠରେ ତାଲା ପଡିଛି।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କମଳା



@ କିଷାନ



@ ପୀତବାସ



@ ରବୀନ୍ଦ୍ରନାଥ



@ ରଞ୍ଜୀତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଗାଡ଼ି ଧକ୍କାରେ ହେଟାବାଘର ମୃତ୍ୟୁ

ଚଣ୍ଡିଖୋଲ, ୨୭।୬ (ପ୍ରଦୀପ୍ତ କୁମାର ପୃଷ୍ଟି):



ଯାଜପୁର ଜିଲା ବଡ଼ଚଣା-ଦର୍ପଣ ପୂର୍ତ୍ତ ବିଭାଗ ରାସ୍ତାର ବଡ଼ଚଣାସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ନିକଟରେ ମଙ୍ଗଳବାର ସକାଳେ ଏକ ହେଟା ବାଘ ମରି ପଡ଼ିଥିବା ଦେଖିବାକୁ ମିଳିଛି। ସୋମବାର ରାତିରେ କୌଣସି ଏକ ଅଜଣା ଗାଡି ଧକ୍କା ଦେବାରୁ ହେଟାବାଘର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକେ ଏ ସମ୍ପର୍କରେ ବୈରୀ ଡାଲିଯୋଡ଼ା ଫରେଷ୍ଟ ରେଞ୍ଜକୁ ଜଣାଇଥିଲେ ମଧ୍ୟ କେହି ବନ ବିଭାଗ ଅଧିକାରୀ ଘଟଣାସ୍ଥଳକୁ ଆସି ନ ଥିଲେ।

ସୂଚନା ଅନୁଯାୟୀ, ଏହି ରେଞ୍ଜ ଅଧୀନରେ ବାରମ୍ବାର ବନ୍ୟପ୍ରାଣୀଙ୍କ ମୃତ୍ୟୁ ହେଉଥିବାବେଳେ ବନ ବିଭାଗ ଅଧିକାରୀଙ୍କ ଚେତା ପଶୁନାହିଁ। ୩ ଦିନ ତଳେ ଛତିଆ-କଳକଳା ରାସ୍ତାର ସୋଲର ନିକଟରେ ଏକ ହରିଣର ମୃତ୍ୟୁ ହୋଇଥିବାବେଳେ ସମିଆଠାରେ ଏକ ହାତୀଛୁଆର ମୃତ୍ୟୁ ହୋଇଥିଲା। ତେବେ ବନ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ଖାମଖିଆଲି ନୀତି ପାଇଁ ବିରଳ ବନ୍ୟଜନ୍ତୁ ବିପଦରେ ପଡୁଛନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ରେଞ୍ଜର ଅଭିରାମ ଜେନାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

# ଟାଟା ପାୱାର ଅଫିସକୁ କଂଗ୍ରେସ କର୍ମୀଙ୍କ ଅଣ୍ଡା, ଟମାଟୋ ମାଡ଼

ନୟାଗଡ଼,୨୭।୬(ଲୋକନାଥ ମିଶ୍ର)


କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

■କାର୍ଯ୍ୟାଳୟର ବଡ଼ବାବୁ ଅସୁସ୍ଥ
■ଲୋଭୋଲଟେଜ, ବିଦ୍ୟୁତ୍ କାଟ୍‌ର ପ୍ରତିବାଦ
■ବିକ୍ଷୋଭ, ପ୍ରତିବାଦ ସଭାରେ ହୋହଲ୍ଲା, ନାରାବାଜି

ଟାଟା ପାୱାର କମ୍ପାନୀର ମନମାନି, ଅଘୋଷିତ ବିଦ୍ୟୁତ୍ କାଟ ଓ ଲୋଭୋଲଟେଜର ପ୍ରତିବାଦରେ ନୟାଗଡ଼ ଟାଟା ପାୱାର ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅଣ୍ଡା ଓ ଟାମାଟୋ ମାଡ଼ କର୍ମୀମାନେ କରିଛନ୍ତି । ଏପରି ଘଟଣାରେ ନୟାଗଡ଼ ବିଦ୍ୟୁତ୍ ଡିଭିଜନ କାର୍ଯ୍ୟାଳୟର ବଡ଼ବାବୁ କମଳେଶ ଦାସ ଅସୁସ୍ଥ ହୋଇ ପଡିଛନ୍ତି । ଜିଲାରେ ବହୁଦିନ ଧରି ବିଦ୍ୟୁତ୍ ବିଭାଗ ବିରୋଧରେ ଲାଗି ରହିଥିବା ଅସନ୍ତୋଷ, କ୍ଷୋଭ ମଙ୍ଗଳବାର ବିସ୍ଫୋରକ ରୂପ ନେବା ପରେ ଅଣ୍ଡା ଓ ଟମାଟୋ ମାଡ କରି କଂଗ୍ରେସ କର୍ମୀମାନେ ନିଜ ରାଗ ଶାନ୍ତ କରିଛନ୍ତି । ବିଦ୍ୟୁତ୍ ବ୍ୟବସ୍ଥାରେ ସୁଧାର ନ ଆସିଲେ ଏପରି ବିକ୍ଷୋଭ, ଆନ୍ଦୋଳନ ସହ ଟାମାଟୋ ଓ ଅଣ୍ଡା ମାଡ଼ କରାଯିବ ବୋଲି କଂଗ୍ରେସ ନେତାମାନେ ଚେତାବନୀ ଦେଇଛନ୍ତି ।

ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନ କ୍ରମେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଜିଲା କଂଗ୍ରେସ ପକ୍ଷରୁ ନୟାଗଡ଼ ବିଦ୍ୟୁତ୍ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ପ୍ରାୟ ୩ ଘଣ୍ଟା ଧରି ହୋହାଲା ଓ ନାରାବାଜି କରି ଟାଟା ପାୱାର ଡିଭିଜନ କାର୍ଯ୍ୟାଳୟକୁ ଅଚଳ କରି ଦେଇଥିଲେ । ଏଥିରେ ପିସିସିର ବରିଷ୍ଠ ଉପସଭାପତି ବିଭୂତି ମିଶ୍ର ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ହୁସେନ ଖାଁ, ସତ୍ୟବ୍ରତ ନାୟକ, ସରୋଜ ପରିଡ଼ା, ଫକୀର ମଲ୍ଲ, ନକୁଳ ନାୟକ, ପୂର୍ଣ୍ଣଚନ୍ଦ୍ର ସାନ୍ତ, ପ୍ରତୀକ ମହାପାତ୍ର, ସୁକାନ୍ତ ଶତପଥୀ, ବୁଲୁ ପରିଡ଼ା, ଦିଲୀପ ବିଶୋଇ, ମହିଳା କଂଗ୍ରେସ ସଭାନେତ୍ରୀ ପ୍ରତିମା ଜେନା, ଟିଙ୍କିନା ନାୟକ ପ୍ରମୁଖ ଯୋଗ ଦେଇ ଟାଟା ପାୱାର ଓ ସରକାରଙ୍କୁ ଅଘୋଷିତ ବିଦ୍ୟୁତ୍ କାଟ ଓ ଲୋଭୋଲଟେଜ ନେଇ ସମାଲୋଚନା କରିଥିଲେ । ଆନ୍ଦୋଳନର ଶେଷ ପର୍ଯ୍ୟାୟରେ ୫ ଦଫା ଦାବି ସମ୍ବଳିତ ପତ୍ର ଅତିରିକ୍ତ ମୁଖ୍ୟ ଶାସନସଚିବଙ୍କ ଉଦ୍ଦେଶ୍ୟରେ ଦେବା ପାଇଁ ଟାଟା ପାୱାରର ନିର୍ବାହୀ ଯନ୍ତ୍ରୀଙ୍କ ଜରିଆରେ ପ୍ରଦାନ ପାଇଁ କଂଗ୍ରେସର ଏକ ଟିମ୍ ଯାଇଥିଲା । କଂଗ୍ରେସ ନେତାମାନେ ଯିବା ପାଇଁ ଡିଭିଜନ କାର୍ଯ୍ୟାଳୟ ଫାଟକରୁ କର୍ମଚାରୀ ତାଲା ଖୋଲିବା ବେଳେ ବଡ଼ବାବୁ କମଳେଶ ସେମାନଙ୍କୁ ଭିତରକୁ ନେବାକୁ ଆସିଥିଲେ । ଏ ସମୟରେ ଅଣ୍ଡା ଓ ଟମାଟୋ ମାଡ଼ ହେବାରୁ ବଡ଼ବାବୁ ହଠାତ୍ ଅସୁସ୍ଥ ଅନୁଭବ କରି ଅଫିସ ଭିତରକୁ ଚାଲିଯାଇଥିଲେ । କଂଗ୍ରେସ କର୍ମୀ ଅଫିସ ଭିତରେ ପଶି ମଧ୍ୟ ଅଣ୍ଡା ଓ ଟମାଟୋ ମାଡ଼ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ କଂଗ୍ରେସ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏନେଇ ବଡ଼ବାବୁ କମଳେଶ ଦାସ କୁହନ୍ତି, ଅଣ୍ଡା ଓ ଟମାଟୋ ମାଡ଼ରେ ମୁଁ ଅସୁସ୍ଥ ହୋଇଛି । ଏନେଇ ମୁଁ ଆଇନ ଆଶ୍ରୟ ନେବି ବୋଲି କହିଛନ୍ତି । କଂଗ୍ରେସ ଜିଲା ସଭାପତି ରଣଜିତ୍ ଦାଶ କୁହନ୍ତି, ଜିଲାର ୧୦ ଷ୍ଟୋନ କ୍ରଶର, ୫ ପିଚୁ ପ୍ଲାଣ୍ଟ, ୨୦ ରାଇସ୍ ମିଲ୍‌କୁ ୨୪ ଇନ ଟୁ ୭ ହାଇ ଭୋଲଟେଜ ବିଦ୍ୟୁତ୍ ଶକ୍ତି ଯୋଗାଣ ହେଉଛି । ନିଅଣ୍ଟ ବିଦ୍ୟୁତ୍ ଭରଣା ପାଇଁ ଜିଲା ବ୍ୟାପୀ ଅଘୋଷିତ ବିଦ୍ୟୁତ କାଟ କରାଯାଉଛି । ସେହିପରି ଜିଲାର ଲକ୍ଷାଧିକ ବିଦ୍ୟୁତ୍ ଗ୍ରାହକଙ୍କଠାରୁ ମାସକୁ ଇଡି ଚାର୍ଜରେ ୫୦ ଟଙ୍କା ଲେଖାଏଁ ମାସରେ ୧ରୁ ୨ କୋଟି ଆଦାୟ ହେଉଛି । ତେବେ କଂଗ୍ରେସ ସରକାର ସମୟରୁ ରାଜପାଟଣାରେ ଗ୍ରୀଡ୍‌କୋ ବିଦ୍ୟୁତ ଷ୍ଟ୍ରକଚର ନିର୍ମାଣ ହୋଇଥିଲା । ଉପଭୋକ୍ତା ବଢ଼ିଥିବାବେଳେ ବିଜେଡିର ୨୩ ବର୍ଷ ଶାସନରେ ୨ୟ ଷ୍ଟ୍ରକଚର ନିର୍ମାଣ ହୋଇ ପାରିନାହିଁ । ଏଣୁ କଂଗ୍ରେସ କର୍ମୀମାନେ ଏହାର ଦୃଢ଼ ପ୍ରତିବାଦ କରି ଆନ୍ଦୋଳନ କରିଥିଲେ ।



ଟାଟା ପାୱାର ଅଫିସକୁ ଲକ୍ଷ୍ୟ କରି ଅଣ୍ଡାମାଡ଼ କରାଯାଉଛି।

# ଜଗଦ୍‌ଗୁରୁ ରାମଭଦ୍ରାଚାର୍ଯ୍ୟଜୀଙ୍କ ଶ୍ରୀରଘୁନାଥଜୀଉ ମନ୍ଦିର ପରିଦର୍ଶନ

ଓଡ଼ଗାଁ,୨୭।୬
(ଆଦର୍ଶ କୁମାର ପଟ୍ଟନାୟକ )

ସୋମବାର ସନ୍ଧ୍ୟାରେ ଉତ୍ତର ପ୍ରଦେଶ ମରୋଦାବାଦ ଜଗଦ୍‌ଗୁରୁ ରାମଭଦ୍ରାଚାର୍ଯ୍ୟଜୀ ମହାରାଜ ୨ୟ ଥର ପାଇଁ ନୟାଗଡ଼ ଜିଲା ବିଜେ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର ପରିଦର୍ଶନ କରିଛନ୍ତି । ପ୍ରଭୁଙ୍କ ସ୍ୱପ୍ନାଦେଶ ବଳରେ ରାମଭଦ୍ରାଚାର୍ଯ୍ୟଜୀ ଗତ ବର୍ଷ ଜୁଲାଇରେ ଏଠାରେ ପହଞ୍ଚି ଶ୍ରୀଜୀଉଙ୍କ ସାନିଧ୍ୟଲାଭ କରିବା ସହିତ ପ୍ରସାଦସେବନ କରିଥିଲେ । ରାମଭଦ୍ରାଚାର୍ଯ୍ୟଜୀଙ୍କ ଦର୍ଶନ ଓ ତାଙ୍କ ମୁଖରୁ ଶ୍ରୀଜୀଉଙ୍କ କଥା ଶ୍ରବଣ ପାଇଁ ଶ୍ରଦ୍ଧାଳୁମାନେ ଅପେକ୍ଷା କରିଥିଲେ । କମ ବୟସରୁ ରାମଭଦ୍ରାଚାର୍ଯ୍ୟଜୀ ଦୃଷ୍ଟିବାଧିତ ହୋଇଥିବା ବେଳେ ୧୭ବର୍ଷ ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ କରି ନ ଥିଲେ । ହେଲେ ସେ ରାମାୟଣ, ଭାଗବତର ଜଣେ ଉଚ୍ଚକୋଟିର ପ୍ରବଚକ ଭାବେ ଜଣାଶୁଣା । ସଂସ୍କୃତ, ହିନ୍ଦି ସହିତ ୨୦୦ରୁ ଊର୍ଦ୍ଧ୍ୱ ଭାଷାରେ ତାଙ୍କର ପାଣ୍ଡିତ୍ୟ ରହିଛି । ଜଣେ କବି ଓ ଲେଖକ ଭାବେ ସେ ପରିଚିତ । ବ୍ୟାକରଣ ବେଦ ବେଦାନ୍ତ ଉପରେ ତାଙ୍କର ଜ୍ଞାନଗରିମାକୁ ସ୍ୱୀକୃତି ଦିଆଯାଇଛି । ତାଙ୍କ ଦ୍ୱାରା ସନ୍ଥ ତୁଳସୀ ଦାସ ଭିନ୍ନକ୍ଷମ ବିଶ୍ୱ ବିଦ୍ୟାଳୟରେ ୪ ପ୍ରକାରର ଭିନ୍ନକ୍ଷମଙ୍କୁ ସ୍ନାତକ ପର୍ଯ୍ୟନ୍ତ ମାଗଣା ଶିକ୍ଷାଦାନ କରାଯାଉଥିବା ବେଳେ ସେ ଏହି ବିଶ୍ୱବିଦ୍ୟାଳୟର ଆଜୀବନ କୁଳପତି ଅଟନ୍ତି । ସୋମବାର ସାନ୍ଧ୍ୟାରେ ଜଗଗୁରୁଜୀଙ୍କ କାରକେ କୁ ଓଡଗାଁ ସହର ଉପକଣ୍ଠରୁ ସଂକୀର୍ତନ ସହିତ ସ୍ୱାଗତ ସମ୍ବର୍ଦ୍ଧନା କରାଯବା ପରେ ମନ୍ଦିରର ପର୍ଯ୍ୟନ୍ତ ପାଛୋଟି ଅଣାଯାଇଥିଲା । ମନ୍ଦିରରେ ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର, ପୂଜକ ପରିଷଦ ସଭାପତି ପ୍ରଫୁଲ କୁମାର ମହାପାତ୍ର, ପରିଛା ହରିବନ୍ଧୁ ଷଡ଼ଙ୍ଗୀଙ୍କ ସମେତ ସମସ୍ତ ସଦସ୍ୟ, ଖବରଦାତା, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ସ୍ୱତନ୍ତ୍ର ଭାବେ ରାତି ସାଢେ ଦଶ ପର୍ଯ୍ୟନ୍ତ ମନ୍ଦିର ଖୋଲା ରହିବା ସହିତ ଜଗତଗୁରୁ ନିଜ ଅନୁଗାମୀ ପ୍ରମୁଖ ଉତ୍ତରାଧିକାରୀଙ୍କ ସହିତ ଦର୍ଶନ କରି ପୁରୀ ଫେରିଯାଇଥିଲେ ।


ଶ୍ରୀରଘୁନାଥଜୀଉ ମନ୍ଦିରରେ ଜଗଦ୍‌ଗୁରୁ ରାମଭଦ୍ରାଚାର୍ଯ୍ୟଜୀ।

# ଅନ୍ୟତମ ହତ୍ୟା ଅଭିଯୁକ୍ତ ଗିରଫ

ଖଣ୍ଡପଡ଼ା,୨୭।୬
(ଅଜୟ କୁମାର ମହାରଣା)

ପ୍ରମୋଦ ଦାସ ହତ୍ୟାକାଣ୍ଡ



ଖଣ୍ଡପଡ଼ା ଥାନା ଅଧୀନ ବେଣାଗାଡ଼ିଆ ଗ୍ରାମର ପ୍ରମୋଦ ଦାସ ଓ ତାଙ୍କ ସମ୍ପର୍କୀୟମାନଙ୍କ ମଧ୍ୟରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି କଳିଝଗଡ଼ା ଲାଗି ରହିଥିଲା । ୨୦୨୦ ଜାନୁୟାରୀ ୨୫ ରାତି ପ୍ରାୟ ୮.୪୫ ମିନିଟ ସମୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା । ପ୍ରମୋଦ ବେଣାଗାଡ଼ିଆ ବଜାରରେ ଛିଡା ହୋଇଥିବା ବେଳେ ହଠାତ୍ ତାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା । ଏହି ଆକ୍ରମଣରେ ପ୍ରମୋଦଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ମୃତକଙ୍କ ସ୍ତ୍ରୀ କଲ୍ୟାଣୀ ଦାସଙ୍କ ଲିଖିତ ଅଭିଯୋଗ ଆଧାରରେ ଖଣ୍ଡପଡ଼ା ଥାନାରେ ପୋଲିସ ଏକ ମାମଲା(ନଂ.୨୪/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟତମ ଅଭିଯୁକ୍ତ କାଦୁଆ ଗ୍ରାମର ରାମଚନ୍ଦ୍ର ବେହେରାଙ୍କୁ ପୋଲିସ ସୋମବାର ସନ୍ଧ୍ୟାରେ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି । କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଖଣ୍ଡପଡ଼ା ଉପକାରାଗାରକୁ ପଠାଇ ଦିଆଯାଇଛି । ଏହି ଘଟଣାରେ ପୋଲିସ ୮ ଜଣଙ୍କ ନାମରେ ମାମଲା ରୁଜୁ କରିଥିବା ବେଳେ ଅଦ୍ୟାବଧି ୪ ଜଣଙ୍କୁ ଗିରଫ କରାଯାଇଛି ବୋଲି ଥାନାଧିକାରୀ ରମେଶ କୁମାର ଦେବତା କହିଛନ୍ତି ।

# ଅସ୍ଥାୟୀ ଦୋକାନରୁ ଚାନ୍ଦା ଆଦାୟ

ଏନଏସିର ରସିଦ୍ ଦେଇ ନେଉଛନ୍ତି ଟଙ୍କା

**ନୟାଗଡ, ୨୭।୬ (ଲୋକନାଥ ମିଶ୍ର)/ରଣପୁର,(ସୁକାନ୍ତ କିଶୋର ଡାକୁଆ):** ଓଡ଼ିଶାର ୨ୟ ଶ୍ରୀକ୍ଷେତ୍ର କୁହାଯାଉଥିବା ରଣପୁର ରଥ ଓ ବାହୁଡା ଯାତ୍ରା ପାଇଁ ପଡିଥିବା ଅସ୍ଥାୟୀ ଦୋକାନ ଉପରେ ଜୁଲମ ଆରମ୍ଭ ହୋଇଛି । ଏନଏସି ପ୍ରଥମେ ଅସ୍ଥାୟୀ ଦୋକାନୀଙ୍କଠାରୁ କିଛି ଟଙ୍କା ନେଇ ରସିଦ୍ ଦେଇଥିଲା । ପରେ ମଙ୍ଗଳବାର କେତେଜଣ ବ୍ୟକ୍ତି ଏନଏସିର କର୍ମଚାରୀ କହି ପୁଣି ଏନଏସିର ଭଡ଼ା ମାଗିଛନ୍ତି । ଏପରି କି କେତେଜଣ ଦୋକାନୀଙ୍କ ଠାରୁ ଏନଏସି ରସିଦ୍ ଦେଇ ୯୦୦ରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରିଛନ୍ତି । ଟଙ୍କା ନ ଦେଲେ ଦୋକାନ ଭାଙ୍ଗି ଦେବୁ, ଦୋକାନ ଉପକରଣ ଫୋପାଡି ଦେବା ପରି ଧମକ ଦେଉଛନ୍ତି । ଏନେଇ ସୋସିଆଲ ମିଡିଆରେ ଜଣେ ବ୍ୟବସାୟୀଙ୍କ ଭିଡିଓ ଭାଇରାଲ ହୋଇଛି । ଭାଇରାଲ ଭିଡିଓରେ ଦୋକାନ ଭଡାର ଜୁଲମ ସମ୍ପର୍କରେ ରହିଛି । ଏହି ଘଟଣାକୁ ନେଇ ରଣପୁର ଅଞ୍ଚଳରେ ଚାପା ଉତ୍ତେଜନା ଦେଖା ଦେଇଛି । ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଉଠିଛି ।

# କାଷ୍ଠ, କଂସା, ପିତଳ କ୍ଲଷ୍ଟର ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲାନି

ଖଣ୍ଡପଡ଼ା,୨୭।୬
(ଅଜୟ କୁମାର ମହାରଣା)


ଗତ ଏପ୍ରିଲ ୪ ତାରିଖରେ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ପ୍ରକଳ୍ପ ପରିଦର୍ଶନ କରୁଛନ୍ତି।

■ଶ୍ରୀଗୁଣ୍ଡିଚା ଯାଇ ବାହୁଡ଼ା ବି ଶେଷ ହେଲା
■ପ୍ରମୁଖ ସଚିବଙ୍କ ପ୍ରତିଶ୍ରୁତି ପାଣିର ଗାର

ଶ୍ରୀଗୁଣ୍ଡିଚା ଯାଇ ବାହୁଡା ହେଲା ହେଲେ ପ୍ରମୁଖ ସଚିବଙ୍କ ପରାମର୍ଶ କ୍ରମେ କଣ୍ଟିଲୋଠାରେ ଥିବା କାଷ୍ଠ, କଂସା ପିତଳ କ୍ଲଷ୍ଟର ଉଦ୍‌ଘାଟନ ହୋଇପାରିଲା ନାହିଁ । ଫଳରେ ଶତାଧିକ କାରିଗର ତଥା ଅଞ୍ଚଳବାସୀ ନିରାଶ ହୋଇଛନ୍ତି । ସେମାନେ ଏହି ଘଟଣାକୁ ସହଜରେ ଗ୍ରହଣ କରି ନ ପାରି ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।

ସୂଚନାଯୋଗ୍ୟ, ନୂତନ ଜ୍ଞାନ କୌଶଳ ତଥା ପ୍ରଶିକ୍ଷଣ ମାଧ୍ୟମରେ କଂସା ପିତଳ ଏବଂ କାଠ ଖୋଦେଇ ବିଭିନ୍ନ ସୌଖୀନ ସାମଗ୍ରୀକୁ ନୂତନ ଢାଞ୍ଚାରେ ଉତ୍ପାଦନ କରିବା ଲକ୍ଷ୍ୟ ନେଇ କଣ୍ଟିଲୋ ପାଣ୍ଡୁସାହୁ ପାଟଣା ବାପୁଜୀ ବାସନ ଶିଳ୍ପ ସହଯୋଗ ସମିତି ଲିଃ ପରିସରରେ ଏକ କଂସା ପିତଳ ବାସନ ଓ କାଷ୍ଠ ସାମଗ୍ରୀ ଉତ୍ପାଦନ ପ୍ରଶିକ୍ଷଣ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି । ୫କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କେନ୍ଦ୍ର ସରକାରଙ୍କ ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ପକ୍ଷରୁ ଅନୁଦାନ ତଥା ପିପିପି ମୋଡ୍‌ରେ ପ୍ରତିଷ୍ଠିତ ଏହି ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଛି । ଇତିମଧ୍ୟରେ ୧ ବର୍ଷ ବିତିଛି । ତଥାପି ସେହି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ପାରିନାହିଁ । ତେବେ ଗତ ଏପ୍ରିଲ ୧୯ରେ ମାଇକ୍ରୋ ସ୍ମଲ ମିଡିୟମ ଏଣ୍ଟରପ୍ରାଇସ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏହି ପ୍ରକଳ୍ପରେ ପହଞ୍ଚି କାର୍ଯ୍ୟକ୍ରମର ଅଗ୍ରଗତି ଓ ସ୍ଥାପିତ ଯନ୍ତ୍ରାଂଶଗୁଡିକ ବୁଲି ଦେଖି ସନ୍ତୋଷ ପ୍ରକାଶ କରିଥିଲେ । କେଉଁ କାରଣରୁ ଉକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମରେ ବିଳମ୍ବ ଘଟୁଛି ତାର ସମୀକ୍ଷା କରିଥିଲେ । ଏହି ପ୍ରକଳ୍ପରେ କାରିଗରମାନଙ୍କୁ ପର୍ଯ୍ୟାୟ କ୍ରମେ ଦକ୍ଷ ପ୍ରଶିକ୍ଷକଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଇ ଆତ୍ମ ନିର୍ଭରଶୀଳ ହେବାର ଲକ୍ଷ୍ୟ ରହିଛି ବୋଲି ଉପସ୍ଥିତ କାରିଗର ଓ କର୍ମଚାରୀମାନଙ୍କୁ କହିଥିଲେ । ଉକ୍ତ ପ୍ରକଳ୍ପ ଆସନ୍ତା ରଥଯାତ୍ରା ଅବସରରେ କାର୍ଯ୍ୟକ୍ଷମ କରାଯିବ ବୋଲି ସୂଚନା ଦେଇଥିଲେ । ମାତ୍ର ଇତିମଧ୍ୟରେ ରଥ ଯାତ୍ରା ସମ୍ପନ୍ନ ହୋଇଛି, ହେଲେ ପ୍ରମୁଖ ସଚିବ ମିଶ୍ରଙ୍କ ପ୍ରତିଶ୍ରୁତି ପାଣିରଗାର ବୋଲି ସାଧାରଣରେ ଆଲୋଚନା ହେଉଛି ।

ପ୍ରମୁଖ ସଚିବ ମିଶ୍ର ଆୟୋଜିତ ଏକ ସଭାରେ ଉପସ୍ଥିତ ଥିବା କାରିଗର ଏବଂ କ୍ଲଷ୍ଟର ଦାୟିତ୍ୱରେ ଥିବା ବ୍ୟକ୍ତି ବିଶେଷଙ୍କ ସହ ପ୍ରକଳ୍ପର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ । ପ୍ରକଳ୍ପର ସୁପରିଚାଳନା ସମ୍ପର୍କରେ ଆଲୋକପାତ କରିଥିଲେ । ତେବେ ଉକ୍ତ ପ୍ରକଳ୍ପ ପାଇଁ ମୋରାଦାବାଦରୁ ଜଣେ ଦକ୍ଷ ମାଷ୍ଟର କ୍ରାଫ୍ଟମ୍ୟାନଙ୍କ ଆବଶ୍ୟକତା ରହିଛି । ମାତ୍ର ସେପରି ଜଣେ ଦକ୍ଷ ମାଷ୍ଟର କ୍ରାଫ୍ଟସମ୍ୟାନ ମିଳୁ ନ ଥିବାରୁ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ଦିଗରେ ବାଧକ ସାଜିଛି ବୋଲି ପ୍ରକଳ୍ପ ସ୍ଥାପନ ଦାୟିତ୍ୱରେ ଥିବା ରଘୁନାଥ ପାଠାଗାର ପରିଚାଳନା ନିର୍ଦ୍ଦେଶକ କହିଛନ୍ତି। ୪.୯୫ କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନରେ ପ୍ରତିଷ୍ଠା ହୋଇଥିବା ଏହି ଶିଳ୍ପ ଉପରେ ଉପକୃତ ହେବାର ଆଶା ବାନ୍ଧି ଥିବା ଶତାଧିକ କାରିଗର ଆଶା ଆଶଙ୍କା ମଧ୍ୟରେ ଗତି କରୁଥିବା ନେଇ ନିଖିଳ ଉତ୍କଳ କଂସାରୀ ସମାଜ କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ମହାରଣା, କ୍ଲଷ୍ଟର ସଭାପତି ଦଣ୍ଡପାଣି ସାହୁ ଓ କାରିଗର ତଥା ନୟାଗଡ଼ ଜିଲା ଓଡ଼ିଶା ବିକାଶ ପରିଷଦ(ହସ୍ତଶିଳ୍ପ) ଜେନେରାଲ କାଉନସିଲର ପବିତ୍ର କୁମାର ମହାରଣା ପ୍ରମୁଖ କହିଛନ୍ତି ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ କମଳା


@ କିଷାନ


@ ପୀତବାସ


@ ରବୀନ୍ଦ୍ରନାଥ


@ ରଞ୍ଜିତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସନ୍ଧ୍ୟା ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼

ଖଣ୍ଡପଡ଼ା,୨୭।୬
(ଅଜୟ କୁମାର ମହାରଣା)



ଖଣ୍ଡପଡ଼ା ସହରର ଗୁଣ୍ଡିଚା ମନ୍ଦିରରେ ଏକକ ଜଗନ୍ନାଥ (ପତିତପାବନ) ଓ ମହିମାମେରୁ (ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା)ଙ୍କ ମଙ୍ଗଳବାର ସନ୍ଧ୍ୟା ଆଳତି ଦର୍ଶନ ନିମନ୍ତେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଆଡପ ମଣ୍ଡପରେ ଶ୍ରୀଜୀଉମାନଙ୍କ ଆଜି ଥିଲା ଶେଷ ଦର୍ଶନ । ବିଶ୍ୱାସ ଅଛି ନବମୀ ତିଥିରେ ଠାକୁରଙ୍କ ସନ୍ଧ୍ୟା ଆଳତି ଦର୍ଶନ ସହ ନିଜ ପରିବାର ଲୋକଙ୍କୁ ଦେଖିବା ପାଇଁ ପୂର୍ବ ପୁରୁଷମାନେ ଗୁଣ୍ଡିଚା ମନ୍ଦିରରେ ଅପେକ୍ଷା କରିଥାନ୍ତି । ତେଣୁ ଏହି ବିଶ୍ୱାସକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

